୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯବେକ୍ଷକ

Vol.27 . No.12 Bhubaneswar Saturday Feburary 15 2025 | ୨୭ତମ ବର୍ଷ ସଂଖ୍ୟା–୧୨ ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୫, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ଅଷ୍ଟମ ଶ୍ରେଣୀର ୫୦%ରୁ ଅଧିକ ପିଲାଙ୍କୁ ଆସୁନି 'ହରଣ':
# ବିଧାନସଭାରେ ମନ୍ତ୍ରୀଙ୍କ ଦମ୍ଭୋକ୍ତି- ଜାତୀୟ ଅନୁପାତଠୁ ଆମେ ଭଲରେ ଅଛୁ

ଭୁବନେଶ୍ୱର,୧୪।୨(ପି.ଏନ): ରାଜ୍ୟରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ପ୍ରାୟ ୫୦ ପ୍ରତିଶତରୁ ଅଧିକ ପିଲାଙ୍କୁ 'ହରଣ' ଆସୁନି । ୩୦ ପ୍ରତିଶତରୁ ଅଧିକ ପିଲାଙ୍କୁ 'ଫେଡାଣ' ଆସୁନି । ରାଜ୍ୟରେ ସ୍କୁଲ ଶିକ୍ଷାର ଏଭଳି ଦୟନୀୟ ଚିତ୍ରକୁ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିଜେ ସ୍ୱୀକାର କରିଛନ୍ତି । କିନ୍ତୁ ୨୦୨୪ ଜାତୀୟ ପରିସଂଖ୍ୟାନ ତୁଳନାରେ ଓଡିଶାର ଅନୁପାତ ଊର୍ଦ୍ଧ୍ୱରେ ରହିଛି ବୋଲି କହି ବାହାବା ନେବାକୁ ବି ପଛାଇନାହାନ୍ତି । ବିଧାନସଭାରେ ଶୁକ୍ରବାର ବିଧାୟକ ଚକ୍ରମଣି କହଁରଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ 'ଅସର' ସର୍ବେକ୍ଷଣ ରିପୋର୍ଟକୁ ଆଧାର କରି ରାଜ୍ୟରେ ଅଷ୍ଟମ ଶ୍ରେଣୀ ପିଲାମାନଙ୍କର ଶିକ୍ଷଣସ୍ତରର(ଫେଡାଣ ଓ ହରଣ)ର ତଥ୍ୟ ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ଗଣ୍ଡ ତାଙ୍କ ଲିଖିତ ଉତ୍ତରରେ ଦର୍ଶାଇଛନ୍ତି ଯେ, 'ଅସର' ସର୍ବ ?କ୍ଷଣ ରିପୋର୍ଟ -୨୦୨୪ ଅନୁସାରେ 'ଫେଡାଣ' ସମାଧାନ କରିପାରୁଥିବା ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସଂଖ୍ୟା ୬୯.୫ ପ୍ରତିଶତ ରହିଛି । ବିଗତ ଏକ ଦଶନ୍ଧି ମଧ୍ୟରେ ପ୍ରାୟ ୬% ପଏଂଟ ବଢ଼ିଛି । ଅର୍ଥାତ୍ ୨୦୧୪ ମସିହାରେ ଅଷ୍ଟମରେ ପଢୁଥିବା ୬୩.୪ ପ୍ରତିଶତ ପିଲା ଫେଡାଣ ସମାଧାନ କରିପାରୁଥିବାବେଳେ ୨୦୨୪ରେ ଏହି ହାର ୬୯.୫ ପ୍ରତିଶତ ରହିଛି । ଏବେବି ୩୦.୫ପ୍ରତିଶତ ପିଲା ଅଷ୍ଟମ ଶ୍ରେଣୀରେ ପଢ଼ି ମଧ ଫେଡାଣ ସମାଧାନ କରିବା ଶିଖିନାହାନ୍ତି । ତେବେ ଜାତୀୟସ୍ତରରେ ଅଷ୍ଟମରେ ପଢୁଥିବା ୬୮.୫ ପ୍ରତିଶତ ପିଲା ଫେଡାଣ




ସମାଧାନ କରିପାରୁଛନ୍ତି । ଜାତୀୟସ୍ତର ତୁଳନାରେ ଓଡିଶାର ଅନୁପାତ ଅଧିକ ଅଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି । ସେହିପରି ରାଜ୍ୟର ଅଷ୍ଟମ ଶ୍ରେଣୀର ମାତ୍ର ୪୮.୫ ପ୍ରତିଶତ ଛାତ୍ରଛାତ୍ରୀ 'ହରଣ' ସମାଧାନ କରିପାରୁଛନ୍ତି । ୨୦୧୪ରେ ଏହି ପରିମାଣ ୩୭.୯ ପ୍ରତିଶତ ଥିବାବେଳେ ୨୦୨୪ରେ ଏହା ୪୮.୫ ପ୍ରତିଶତ ହୋଇଛି । ଅର୍ଥାତ୍ ଏବେବି ରାଜ୍ୟର ୫୧.୫ ପ୍ରତିଶତ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ 'ହରଣ' ଶିଖିନାହାନ୍ତି । ମାତ୍ର ଗଣଶିକ୍ଷା ମନ୍ତ୍ରୀ ଏହି ହାରକୁ ଜାତୀୟସ୍ତରର ହାର ସହ ତୁଳନା କରି ଓଡିଶା ଭଲ ସ୍ଥିତିରେ ଅଛି ବୋଲି କହିବାକୁ ପଛାଇନାହାନ୍ତି । ଜାତୀୟସ୍ତରରେ ଅଷ୍ଟମ ଶ୍ରେଣୀର ୪୫.୮ ପ୍ରତିଶତ ପିଲା 'ହରଣ' ଶିଖିଥିବାବେଳେ ଓଡିଶାର ୪୮.୫ ପ୍ରତିଶତ ପିଲା ଏହି 'ହରଣ' ଶିଖିଛନ୍ତି । ଓଡିଶାରେ ଅଷ୍ଟମ ଶ୍ରେଣୀ ପିଲା ଯେଉଁ ହରଣ ସମାଧାନ କରିପାରୁଛନ୍ତି ସେମାନଙ୍କ ସଂଖ୍ୟା ବିଗତ ଏକ ଦଶନ୍ଧିରେ ପ୍ରାୟ ୧୧ ପ୍ରତିଶତ ବଢ଼ିଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି । ରାଜ୍ୟ ସରକାର ଶିକ୍ଷଣ ଅଭିବୃଦ୍ଧି କାର୍ଯ୍ୟକ୍ରମ ମାଧ୍ୟମରେ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଓଡିଆ, ଗଣିତ ଓ ଇଂରାଜୀ ବିଷୟରେ କାର୍ଯ୍ୟପୁସ୍ତିକା ଯୋଗାଇ ଦିଆଯାଇ ଅଭ୍ୟାସ କରାଯାଉଅଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିବା ସହ ଛାତ୍ରଛାତ୍ରୀମାନଙ୍କ ଆବଶ୍ୟକତାକୁ ନଜରରେ ରଖି ଉପଯୁକ୍ତ ଶିକ୍ଷଣ ସାମଗ୍ରୀ ଯୋଗାଇବାର ପ୍ରସ୍ତାବ 'ସମଗ୍ର ଶିକ୍ଷା ଯୋଜନା' ଅନ୍ତର୍ଗତ ବାର୍ଷିକ ୱାର୍କ ପ୍ଲାନ ଓ ବଜେଟ ୨୦୨୫-୨୬ରେ ଉପସ୍ଥାପନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ଶୁକ୍ରବାର ବିଧାନସଭାରେ ସୂଚନା ଦେଇଛନ୍ତି । ତେବେ ରାଜ୍ୟରେ ସ୍କୁଲ ଶିକ୍ଷା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୋଟିକୋଟି ଟଙ୍କା ବ୍ୟୟ କରୁଥିଲେ ମଧ କାହିଁକି ପିଲାମାନଙ୍କ ପାଠପଢ଼ାରେ ସୁଧାର ପରିଲକ୍ଷିତ ହେଉନି ସେଦିଗରେ ରାଜ୍ୟ ସରକାର ନିରବ ରହିଛନ୍ତି । ଉଲ୍ଲେଖଯୋଗ୍ୟ, 'ସମଗ୍ର ଶିକ୍ଷା ଯୋଜନା'ରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ମାଗଣା ପାଠ୍ୟପୁସ୍ତକ, ୟୁନିଫର୍ମ, ଜୋତା ଓ ମଧ୍ୟାହ୍ନଭୋଜନ ଯୋଗାଇ ଦିଆଯାଉଛି । ଗତ ଶିକ୍ଷାବର୍ଷରେ ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ୪୪ଲକ୍ଷ ୯୮ହଜାର ୧୧୨ଜଣ ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟପୁସ୍ତକ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିଲା । ସମଗ୍ର ରାଜ୍ୟରେ କେବଳ ଷଷ୍ଠରୁ ଅଷ୍ଟମ ଶ୍ରେଣୀରେ ୨୧ଲକ୍ଷ ୧୦ହଜାର ୭୩୬ଜଣ ଛାତ୍ରଛାତ୍ରୀ ପଢୁଥିବାବେଳେ ସେଥିରୁ ୩ଲକ୍ଷ ୨୧ହଜାର ୮୧୬ଜଣ ଛାତ୍ରଛାତ୍ରୀ ବିଭିନ୍ନ ଘରୋଇ ସ୍କୁଲରେ ପଢୁଛନ୍ତି ବୋଲି ସ୍କୁଲ ବିଭାଗର ରିପୋର୍ଟରୁ ଜଣାପଡିଛି ।

# ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କଲେ ପ୍ରମିଳା ମଲ୍ଲିକ

କଟକ,୧୪।୨(ପି.ଏନ): ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ବର୍ତ୍ତମାନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ସେଠାରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ବିରୋଧୀଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କରିଛନ୍ତି ଆବେଦନ ।ନିକଟରେ ପ୍ରମିଳାଙ୍କ ଭାଇଙ୍କ ଘରେ ଇଡି ରେଡ୍ କରିଥିଲା । ତେବେ ସେ କେଉଁ କାରଣ ପାଇଁ ଆଗୁଆ ଜାମିନ କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ ।ଡିସେମ୍ବର ୧୮, ୨୦୨୪ ରେ ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ଭାଇ



କ୍ଷୀରୋଦ ମଲ୍ଲିକଙ୍କ ଘରେ ଇଡି ବଡଧରଣର ଚଢ଼ାଉ କରିଥିଲା । ତାଙ୍କ ନାଁରେ ୨୩୧ କୋଟି ଟଙ୍କାର ଠକେଇ ଅଭିଯୋଗ ରହିଥିବା ନେଇ ଖବର ଆସିଥିଲା ।

# ପୁଣି କଂଗ୍ରେସକୁ ଫେରିବେ ପୁରୁଖା ନେତା

ଭୁବନେଶ୍ୱର,୧୪।୨(ପି.ଏନ): ପୁଣି କଂଗ୍ରେସକୁ ଫେରିବେ ପୁରୁଖା ନେତା । ଦଳରୁ ଦୁରେଇ ଯାଇଥିବା ତଥା ନିଲମ୍ବନ ହୋଇଥିବା ସମସ୍ତ ପୁରୁଖା ନେତା ମାନଙ୍କୁ ପୁଣି କଂଗ୍ରେସ କୁ ଅଣାଯିବ । ଆଜି ଠାରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ଦେଇଛନ୍ତି ପିସିସି ସଭାପତି ଭକ୍ତ ଦାସ । ସୁର ରାଉତରାୟ ଜଣେ ଅଭିଜ୍ଞ ଓ ଦଳର ଗୋଟିଏ ଶକ୍ତ ସ୍ତମ୍ଭ । କଂଗ୍ରେସ ସେହି ସ୍ତମ୍ଭ ଭୁଶୁଡିବାକୁ ଦେବ ନାହିଁ ବୋଲି କହିଛନ୍ତି ଭକ୍ତ ଦାସ। ଯେଉଁ ନେତାମାନଙ୍କୁ ଦଳରୁ ନିଲମ୍ବନ କିମ୍ବା ବହିଷ୍କାର କରାଯାଇଥିଲା । ତାହାକୁ ପ୍ରତ୍ୟାହାର କରାଯାଇଥିବା ବିଜ୍ଞପ୍ତି ପ୍ରକାଶ କରି ଜଣାଇଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ଏହା



ସହିତ ବିଭିନ୍ନ ସମୟରେ କୌଣସି ନା କୌଣସି କାରଣରୁ ଯେଉଁମାନେ କଂଗ୍ରେସ ଦଳ ଛାଡ଼ି ଅନ୍ୟତ୍ର ଚାଲିଯାଇଛନ୍ତି । ସେମାନେ ପୁଣିଥରେ କଂଗ୍ରେସ ଦଳକୁ ଫେରିଆସିବାକୁ ସେ ନିବେଦନ କରିଛନ୍ତି । ଯଦି ସେମାନେ କଂଗ୍ରେସ ଦଳର ନୀତି ଆଦର୍ଶ ପ୍ରତି ଆସ୍ଥା ପ୍ରକଟ କରି ଯୋଗଦାନ କରିବାକୁ ଇଚ୍ଛୁକ, ସେମାନଙ୍କୁ କଂଗ୍ରେସ ଦଳ ପକ୍ଷରୁ ସମ୍ମାନର ସହିତ ସ୍ୱାଗତ କରାଯିବ ବୋଲି କହିଛନ୍ତି ପିସିସି ସଭାପତି ।

# ବାଦ୍ ପଡ଼ିଥିବା ଚାଷୀ ହେବେ ଚିହ୍ନଟ, ମିଳିବ କ୍ଷତିପୂରଣ

ଭୁବନେଶ୍ୱର,୧୪।୨(ପି.ଏନ): ବାଦ୍ ପଡିଥିବା ଚାଷୀଙ୍କୁ ପୁଣି ଥରେ ଚିହ୍ନଟ କରାଯାଇ କ୍ଷତିପୂରଣ ଦିଆଯିବ । ବାତ୍ୟା ଓ ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀ ଯଦି ଚିହ୍ନଟ ହୋଇ ବାଦ୍ ପଡ଼ିଛନ୍ତି ତେବେ ତାଙ୍କୁ ଏବେ ବି କ୍ଷତି ପୂରଣ ମିଳିବ ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । କେହି ବି କ୍ଷତି ପୂରଣ ପାଇବାରୁ ବଞ୍ଚିତ ହେବେ ନାହିଁ ବୋଲି ମନ୍ତ୍ରୀ ମତ ରଖିଛନ୍ତି ।ମନ୍ତ୍ରୀ କହିଛନ୍ତି, ଚିହ୍ନଟ ହୋଇ ବାଦ୍ ପଡ଼ିଥିବା ଚାଷୀଙ୍କୁ କ୍ଷତି ପୂରଣ ଦେବୁ । ଏଥିରେ କିଛି ଅସୁବିଧା ନାହିଁ । ସର୍ଭେ ଅନୁଯାୟୀ, ଯାହା ବି ସବୁ ଆବଶ୍ୟକ ଥିଲା ତାହା ବିଭାଗ ପକ୍ଷରୁ ପୂରଣ କରାଯାଇଛି । ଫସଲ ନଷ୍ଟ ହୋଇଥିବା ଚାଷୀ ଏବଂ ଘର କ୍ଷତିଗ୍ରସ୍ତ ହୋଇଥିବା ବ୍ୟକ୍ତିଙ୍କୁ ମଧ କ୍ଷତିପୂରଣ ଦିଆଯାଇଛି । ଏଥିପାଇଁ ରାଜ୍ୟସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗରୁ ୨୯୨ କୋଟି ଟଙ୍କା ଜିଲ୍ଲାମାନଙ୍କୁ ପ୍ରଦାନ କରାଯାଇଛି । ତଥାପି ଯଦି ଚିହ୍ନ ହୋଇଥିବା ଚାଷୀ ବାଦ୍ ପଡିଛନ୍ତି, ସେମାନଙ୍କୁ କ୍ଷତିପୂରଣ ନିଶ୍ଚିତ ମିଳିବ ।ତେବେ ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ, ବାତ୍ୟା ଓ ଅଦିନିଆ ବର୍ଷାରେ ୩୩% ରୁ ଅଧିକ ଫସଲ କ୍ଷତି ହୋଇଥିବା ଚାଷୀମାନଙ୍କୁ ଇନପୁଟ୍ ସବସିଡି ଆକାରରେ କ୍ଷତିପୂରଣ ମିଳିବ। କୃଷି ଫସଲ, ଉଦ୍ୟାନ ଫସଲ ଏବଂ ବାର୍ଷିକ ଚାଷ ଫସଲ ପାଇଁ, ଚାଷୀମାନଙ୍କୁ ବର୍ଷା ନିର୍ଭରଶୀଳ ଅଞ୍ଚଳରେ ହେକ୍ଟର ପିଛା ୮.୫୦୦ ଟଙ୍କା ଏବଂ ନିଶ୍ଚିତ ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୧୭,୦୦୦ ଟଙ୍କା ମିଳିବ ବୋଲି ଘୋଷଣା କରାଯାଇଥିଲା । ହେଲେ ବିଭିନ୍ନ ସ୍ଥାନରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀ ଏବେ ବି ସହାୟତାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି ।

# ମତ୍ସ୍ୟ ଓ ପ୍ରାଣୀ ସମାବେଶ ନାଁରେ ପ୍ରହସନ, ଚାଷୀଙ୍କୁ ଦେଖାଉଛନ୍ତି ସୁନେଲି ସ୍ୱପ୍ନ

ଭୁବନେଶ୍ୱର,୧୪।୨(ପି.ଏନ): ବରମୁଣ୍ଡା ପଡିଆରେ ଆୟୋଜିତ ତିନିଦିନିଆ ମତ୍ସ୍ୟ ଓ ପ୍ରାଣି ସମାବେଶର ଶୁଭାରମ୍ଭ ହୋଇଛି। ଚାଷୀଙ୍କ ଆୟ ଦୁଇଗୁଣା କରିବା ଉଦ୍ଦେଶ୍ୟରେ ଚାଷ କ୍ଷେତ୍ରକୁ ପ୍ରୋତ୍ସାହନ ଦେବାକୁ ଏହି ସମାବେଶ ଜରିଆରେ ଉଦ୍ୟମ ହୋଇଛି। ବିଶେଷ କରି ମାଛ ଚାଷ, କୁକୁଡା ଚାଷ, ଗୋପାଳନ ଚାଷ ଆଡକୁ ଲୋକେ କିପରି ଆକର୍ଷିତ ହେବେ, ଚାଷୀ ସହ କୃଷି ଉଦ୍ୟୋଗୀ ହୋଇପାରିବେ, ଏଥିପାଇଁ ସରକାରଙ୍କ ଯୋଜନା, ବୈଷୟିକ ସହାୟତା, ନୂଆ ନୂଆ ଟେକ୍ନୋଲୋଜିର ସହାୟତା,



ମହିଳା ଚାଷୀଙ୍କ ପାଇଁ ଅଧିକ ସବସିଡି ବ୍ୟବସ୍ଥା ବାବଦରେ ସମାବେଶରେ ବିସ୍ତୃତ ତଥ୍ୟ ଦିଆଯାଇଛି। ତିନିଦିନ ଧରି ଚାଲିବାକୁ ଥିବା ଏହି ସମାବେଶରେ ବିଭିନ୍ନ ଚାଷର ଜ୍ଞାନ କୌଶଳ ବାବଦରେ ଅଧିକ ଜାଣିବା ପାଇଁ ପ୍ରାୟ ୨୦୦ଟି ଷ୍ଟଲ ଖୋଲାଯାଇଛି। ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ. ଖାଦ୍ୟ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ସମାବେଶ ଆରମ୍ଭ ହୋଇଥିବା ବେଳେ ସଫଳ ଚାଷୀମାନଙ୍କୁ ମଧ ସମ୍ମାନିତ କରାଯାଇଛି।

# ସରିଲା ରାଜୀବ କୁମାରଙ୍କ କାର୍ଯ୍ୟକାଳ, କିଏ ହେବେ ପରବର୍ତ୍ତୀ ମୁଖ୍ୟ ନିର୍ବାଚନ କମିଶନର

ଭୁବନେଶ୍ୱର,୧୪।୨(ପି.ଏନ): ଚଳିତ ବର୍ଷ ବିହାରରେ ବିଧାନସଭା ନିର୍ବାଚନ ହେବ। ସେହିପରି ୨୦୨୬ରେ ବେଙ୍ଗଲ ଓ ତାମିଲନାଡୁ ସମେତ ଆସମ ଓ କେରଳରେ ମଧ ଭୋଟିଂ ହେବାର ଅଛି। ଏହି ସବୁ ନିର୍ବାଚନକୁ ପରିଚାଳନା କରିବେ ଦେଶର ନୂଆ ମୁଖ୍ୟ ନିର୍ବାଚନ କମିଶନର। କାରଣ ମୁଖ୍ୟ ନିର୍ବାଚନ କମିଶନର ଭାବେ ୨୦୨୨ରୁ କାର୍ଯ୍ୟ କରି ଆସୁଥିବା ରାଜୀବ କୁମାରଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ତେଣୁ ସରକାର ନୂଆ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ନିଯୁକ୍ତି ଦେବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି କ୍ରମମରେ ନିଯୁକ୍ତି କମିଟିର ବୈଠକ ସୋମବାର ବସିବାକୁ ଯାଉଛି।

# ଭକ୍ତଙ୍କ 'ମାଷ୍ଟରଷ୍ଟ୍ରୋକ୍': କଂଗ୍ରେସ ପାଇଁ ସାଜିବ କି ସଞ୍ଜିବନୀ

ଭୁବନେଶ୍ୱର,୧୪।୨(ପି.ଏନ): ଓଡିଶା ପ୍ରଦେଶ କଂଗ୍ରେସର ନବନିଯୁକ୍ତ ସଭାପତି ଭକ୍ତଚରଣ ଦାସଙ୍କ 'ମାଷ୍ଟରଷ୍ଟ୍ରୋକ'କୁ ନେଇ ରାଜନୀତିକ ମହଲରେ ହଟଚମଟ ଆରମ୍ଭ ହୋଇଛି । ପିସିସି ସଭାପତି ଭାବେ ନିଯୁକ୍ତି ପାଇବା ପରେ ଭକ୍ତ ଦାସଙ୍କ ଦସ୍ତଖତରେ ଶୁକ୍ରବାର ୫ଧାଡିର ପ୍ରେସ୍ ରିଲିଜ୍ ଜାରି ହୋଇଛି । ଯାହାକି ରାଜ୍ୟରେ କଂଗ୍ରେସକୁ ପୁଣିଥରେ ସୁଦୃ? କରିବା ଦିଗରେ ସଞ୍ଜିବନୀ ଭଳି କାର୍ଯ୍ୟ କରିବ ବୋଲି ଆକଳନ କରାଯାଉଛି । ଏହାସହିତ ଭକ୍ତଙ୍କ ଏଭଳି ଆଭିମୁଖ୍ୟ ସୁଦୃଢ଼ ବିରୋଧୀ ଦଳର ଅଭାବକୁ ପୂରଣ କରିବାରେ ସହାୟକ ହେବ ବୋଲି ଚର୍ଚ୍ଚା ଜୋର ଧରିଛି ।ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସଙ୍କ ଦସ୍ତଖତରେ ଆଜି ଏକ ପ୍ରେସ୍ ରିଲିଜ୍ ଜାରି ହୋଇଛି । ଏହି ପ୍ରେସ୍ ରିଲିଜ୍ ମାଧ୍ୟମରେ ଶ୍ରୀ ଦାସ କଂଗ୍ରେସର ପୁରୁଣା କର୍ମୀ ଓ ନେତାମାନଙ୍କୁ ପୁଣିଥରେ ଦଳରେ ସ୍ୱାଗତ କରିଛନ୍ତି । "ଯେଉଁମାନଙ୍କୁ କୌଣସି ନା କୌଣସି ପରିସ୍ଥିତିରେ ଦଳରୁ ନିଲମ୍ବନ ଓ ବହିଷ୍କାର କରାଯାଇଥିଲା, ତାକୁ ପ୍ରତ୍ୟାହାର କରି ଦିଆଗଲା । ବିଭିନ୍ନ ସମୟରେ କୌଣସି ନାକୌଣସି କାରଣରୁ ଯେଉଁମାନେ କଂଗ୍ରେସ ଛାଡି ଚାଲି ଯାଇଛନ୍ତି ସେମାନେ ପୁଣିଥରେ କଂଗ୍ରେସକୁ ଫେରି ଆସିବାକୁ ଆମେ ନିବେଦନ କରୁଛୁ । ଯଦି ସେମାନେ କଂଗ୍ରେସ ଦଳର ନୀତି ଓ ଆଦର୍ଶ ପ୍ରତି ଆସ୍ଥା ପ୍ରକଟ କରି ଯୋଗଦାନ କରିବାକୁ ଇଚ୍ଛୁକ, ସେମାନଙ୍କୁ କଂଗ୍ରେସ ଦଳ ତରଫରୁ ସମ୍ମାନର ସହ ସ୍ୱାଗତ କରାଯିବ ।"

**ଭକ୍ତଙ୍କ ମାଷ୍ଟରଷ୍ଟ୍ରୋକ**

ରାଜନୀତିକ ବିଶ୍ଳେଷକଙ୍କ ମତରେ, ଭକ୍ତଙ୍କ ଏହି ଗୋଟିଏ ନିର୍ଦ୍ଦେଶନାମାରେ ଦଳୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ଶିକାର ହୋଇଥିବା ସମସ୍ତ କର୍ମୀ ଓ ନେତାଙ୍କ ଉପରୁ ନିଲମ୍ବନ ଓ ବହିଷ୍କାର ପ୍ରତ୍ୟାହାର କରି କଂଗ୍ରେସର ଲକ୍ଷ ଲକ୍ଷ କର୍ମୀମାନଙ୍କ ମନରେ ସଂଗଠନକୁ ସୁଦୃ? କରାଇ ନେବା ଦିଗରେ ଆଶା ସଂଚାର କରିବାରେ ସକ୍ଷମ ହୋଇଛନ୍ତି । ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ବିଜେଡି ଏବେ ଦିଶାହୀନ ଅବସ୍ଥାରେ ଗତି କରୁଛି । ଦଳ କ୍ଷମତାରୁ ଯିବାପରେ ତୀବ୍ର ଗୋଷ୍ଠୀକନ୍ଦଳ ଓ ନେତୃତ୍ୱ ସଙ୍କଟ(ନବୀନ ପଟ୍ଟନାୟକ ନା ଭିକେ ପାଣ୍ଡିଆନଙ୍କ ମଧ୍ୟରୁ ବସ୍ କିଏ)ର ସମ୍ମୁଖୀନ ହୋଇଛି । ଦଳରେ ଥିବା ନେତାମାନେ ଏବେ ଅଣନିଶ୍ୱାସୀ ହେବାରେ ମଧ ଲାଗିଛନ୍ତି ।

**କଂଗ୍ରେସକୁ ସୁଦୃଢ଼ କରିବାର ପ୍ରକୃଷ୍ଟ ସମୟ**

ଏପଟେ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବାର ୮ମାସ ପୁରିଥିଲେ ମଧ ବିଜେଡିର ୨୪ବର୍ଷ ଶାସନର କୌଣସି ଗୋଟିଏ କଳାକାରନାମାକୁ ମଧ ଆଗକୁ ଆଣିବାରେ ସକ୍ଷମ ହୋଇନି । ବିଜେଡିର ଅଘୋଷିତ



ସର୍ବ ?ସର୍ବା ଭିକେ ପାଣ୍ଡିଆନ ସବୁ ନିୟମକାନୁନକୁ ଏଡାଇ ରାଜ୍ୟ ଶାସନକୁ ମନମର୍ଜିରେ ଚଳାଇଥିଲେ । କୋଟିକୋଟି ଟଙ୍କାର ଅନିୟମିତତା ସହ ବହୁ ଦୁର୍ନୀତି ଅଭିଯୋଗ ମଧ ତତକାଳୀନ ବିଜେଡି ସରକାର ବିରୁଦ୍ଧରେ ବିଜେପି ଖୋଦ୍ ବିରୋଧୀ ଦଳ ଭାବେ ଆଣିଥିଲା । ଏବେ ବିଜେପି ରାଜ୍ୟରେ କ୍ଷମତାକୁ ଆସିଥିଲେ ମଧ କୌଣସି ଦୁର୍ନୀତି କିମ୍ବା ଅନିୟମିତତାର ମାଷ୍ଟରମାଇଣ୍ଡକୁ ଧରିବା ତ ଦୂରର କଥା ବରଂ ବିଜେଡି ଶାସନରେ ଯାହାସବୁ ବେଆଇନ କାର୍ଯ୍ୟ ହୋଇଛି ତାକୁ ଆଇନସିଦ୍ଧ କରିବା ପାଇଁ ପରୋକ୍ଷରେ କାର୍ଯ୍ୟ କରୁଥିବା ଦୀର୍ଘ ୮ମାସର ଶାସନ ଶୈଳୀରୁ ପରୋକ୍ଷରେ ପ୍ରମାଣିତ ହେବାରେ ଲାଗିଛି ।

**ଆରମ୍ଭରୁ ପୁରୀକୁ 'ସଂକଳ୍ପ ଯାତ୍ରା', ୧୭ଜଣିଆ କମିଟି ଗଠନ**

ଭକ୍ତ ପିସିସି ସଭାପତି ଭାବେ ନିଯୁକ୍ତି ପାଇବା ପରେ ୧୮ତାରିଖରେ ଓଡିଶା ଆସିବେ । ଏବେ ଦିଲ୍ଲୀରେ ଥିବା ଭକ୍ତ ଓଡିଶା ଆସିବା ପୂର୍ବରୁ ଦଳୀୟ ନେତା ଓ କର୍ମୀମାନଙ୍କୁ ଏକଜୁଟ କରିବା ପାଇଁ ପ୍ରୟାସ ଜୋରଦାର କରିଛନ୍ତି । ଦଳର ବରିଷ୍ଠ ନେତାମାନଙ୍କୁ ଫୋନ୍ ମାଧ୍ୟମରେ ନିଜ ଆଡୁ ଯୋଗାଯୋଗ କରିବା ସହ ସମସ୍ତଙ୍କୁ ସାଙ୍ଗରେ କିଭଳି ନେଇ ଚାଲି ହେବ ତା'ର ମାର୍ଗ ପ୍ରଶସ୍ତ କରିଛନ୍ତି । କଂଗ୍ରେସର ପୁରୁଣା ରୋଗ-ଗୋଷ୍ଠୀକନ୍ଦଳ ଭିତରେ ନପଶି ଭକ୍ତ ସମସ୍ତଙ୍କୁ ସାଙ୍ଗରେ ନେଇ ବିଶେଷକରି ଯୁବବର୍ଗଙ୍କୁ ଆଗରେ ରଖି କାର୍ଯ୍ୟ କରିବେ ବୋଲି ସଙ୍କେତ ମଧ ଦେଇଛନ୍ତି । ଭକ୍ତ ପିସିସି ସଭାପତି ଭାବେ ନିଜର କାର୍ଯ୍ୟ ଆରମ୍ଭ କରିବେ 'ପୁରୀ ସଂକଳ୍ପ ଯାତ୍ରା'ରୁ । ଯେଉଁଥିପାଇଁ ୧୭ଜଣିଆ କମିଟି ମଧ ଗଠନ ହୋଇଛି । ଏହି କମିଟିରେ ଯୁବବର୍ଗଙ୍କୁ ପ୍ରାଧାନ୍ୟ ମିଳିଛି । ଭକ୍ତ ୧୮ତାରିଖରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ସେଠାରୁ ଦଳୀୟ କର୍ମୀ ଓ ନେତାମାନଙ୍କ ସହ ପଦଯାତ୍ରାରେ ପୁରୀ ଯାଇ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବେ । ଏହି ସଂକଳ୍ପ ଯାତ୍ରା କମିଟିର ଅଧ୍ୟକ୍ଷ ଭାବେ ପୂର୍ବତନ ବିଧାୟକ ଦେବାଶୀଷ ପଟ୍ଟନାୟକଙ୍କୁ ନିଯୁକ୍ତି ଦିଆଯାଇଛି । କମିଟିରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ମହମ୍ମଦ ମୋକିମ, ବିଧାୟକ ରମେଶ ଜେନା,ଦାଶରଥୀ ଗମାଙ୍ଗୋ,ସିଏସ ରାଜନ ଏକ୍କା, କାଡ୍ରାକା ଆପଲା ସ୍ୱାମୀ, ଅଶୋକ କୁମାର ଦାସ, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର,ଉମାବଲ୍ଲଭ ରଥ, ନବଜ୍ୟୋତି ପଟ୍ଟନାୟକ, ମିନାକ୍ଷୀ ବାହିନୀପତି, ବିଶ୍ୱଜିତ୍ ଦାଶ, ବିଶ୍ୱଭୂଷଣ ଦାଶ, ମନୋଜ ଜେନା, ରଞ୍ଜିତ ପାତ୍ର, ଯାସିର ନୱାଜ ଓ ଉଦିତ ନାରାୟଣ ପ୍ରଧାନ ରହିଛନ୍ତି । ଏହି ସଂକଳ୍ପ ଯାତ୍ରାକୁ ସଫଳ କରିବା ପାଇଁ କଂଗ୍ରେସ ପକ୍ଷରୁ ଏବେଠୁ ଜୋରଦାର ପ୍ରୟାସ ଆରମ୍ଭ ହୋଇଛି। ଦଳର ବରିଷ୍ଠ ଓ ଯୁବ ନେତାଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଦଳକୁ ସୁଦୃ? କରିବା ପାଇଁ ଭକ୍ତ ଯେଉଁ ଗୋଟି ଚଳାଇଛନ୍ତି ତାହା ଯଦି ସଫଳ ହୁଏ କଂଗ୍ରେସକୁ ଆଗାମୀ ଦିନରେ ରାଜ୍ୟରେ ବଡ ନିର୍ବାଚନୀ ସଫଳତା ମିଳିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ।

# ଅରୁଣଙ୍କ ପ୍ରଶ୍ନର ଉତ୍ତର ଦେଲେ ସୂର୍ଯ୍ୟବଂଶୀ, କହିଲେ ଅସ୍ମିତା ରାଜନୈତିକ ମୁଦ୍ଦା ନୁହେଁ



ଭୁବନେଶ୍ୱର,୧୪।୨(ପି.ଏନ): ବିଧାନସଭା ଅଧିବେଶନର ଦ୍ୱିତୀୟ ଦିନରେ ଉଠିଲା ଓଡିଆ ଅସ୍ମିତା ପ୍ରସଙ୍ଗ । ଏହାକୁ ମୁଦ୍ଦା କରି ବିଜେପି ସରକାର ଗଢିଥିବା ବେଳେ ବର୍ତ୍ତମାନ ଏହାକୁ ନେଇ ଆରମ୍ଭ ହୋଇଛି ପ୍ରଶ୍ନ ଉତ୍ତର । ମୁହାଁମୁହିଁ ହେଲେ ନୟାଗଡ ବିଧାୟକ ଅରୁଣ ସାହୁ ଏବଂ କ୍ରୀଡା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଓଡିଆ ଅସ୍ମିତା କଣ ବୋଲି ଅରୁଣ ପଚାରିଥିବା ବେଳେ ଉତ୍ତର ଦେଇଛନ୍ତି ସୂର୍ଯ୍ୟବଂଶୀ । ଅସ୍ମିତାର ଅର୍ଥ ବୁଝାଇଲେ ମନ୍ତ୍ରୀ- ତେବେ ଅରୁଣ ସାହୁଙ୍କ ପ୍ରଶ୍ନର ଉତ୍ତର ଦେଇ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ଓଡିଆ ଅସ୍ମିତାର ଅର୍ଥ ମୁଁ ପଣ ଏବଂ ଅହଂଙ୍କାର, ଏପରିକି ମୁଁ ଭାବ, ମୁଁ ଅଛି ଏବଂ ଆତ୍ମ ପରିଚିତି । ଚଳନ୍ତି ଓଡ଼ିଆ ଅଭିଧାନରେ ଅସ୍ମିତା ଶବ୍ଦର ଅର୍ଥ ଓ ବ୍ୟାଖ୍ୟା ଦର୍ଶାଇଲେ ।ଏହାପରେ ସୂର୍ଯ୍ୟବଂଶୀ ସୂରଜଙ୍କ ଅସ୍ମିତା ଉତ୍ତରକୁ ନେଇ ପ୍ରତିକ୍ରିୟା ଦେଇ ଅରୁଣ ସାହୁ । ମନ୍ତ୍ରୀ ଅଧା ଉତ୍ତର ରଖିଛନ୍ତି, ଏହା ସନ୍ତୋଷଜନକ ନୁହେଁ ବୋଲି ସେ କହିଛନ୍ତି ।କହିରଖୁଛୁ କି, ଓଡିଆ ଅସ୍ମିତାର ଅର୍ଥକୁ ସରଳ ଭାଷାରେ ବୁଝାଇ ମନ୍ତ୍ରୀ କହିଛନ୍ତି, ଓଡିଆ ଅସ୍ମିତା ରାଜନୈତିକ ମୁଦ୍ଦା ନୁହେଁ । ଏହା ଓଡିଆମାନଙ୍କ ଭାବାବେଗ । ଆମ ଅସ୍ତିତ୍ୱର ଭାବରୁ ପ୍ରଦର୍ଶିତ କରିବା ହେଉଛି ଅସ୍ମିତା ବୋଲି ସେ କହିଛନ୍ତି।

# ଜ୍ୟୋତିଷ ସାଜି ଲୋକଙ୍କୁ ଲଗାଉଥିଲେ ଚୂନ, ଧରା ପଡ଼ିଲା ଗ୍ୟାଙ୍ଗ୍

ଭୁବନେଶ୍ୱର,୧୪।୨(ପି.ଏନ): ଉତ୍ତରାଖଣ୍ଡରୁ ଆସି ଝାରସୁଗୁଡ଼ାରେ କରୁଥିଲେ ଅପରାଧ । ଜ୍ୟୋତିଷ ସାଜି ଲୋକଙ୍କୁ ଲଗାଉଥିଲେ ଚୂନ । ଗ୍ୟାଙ୍ଗ ସହାୟତାରେ ନିରୀହ ଲୋକଙ୍କୁ କରୁଥିଲେ ଟାର୍ଗେଟ। ବେଲପାହାଡ଼ ଥାନାରେ ଗତ ୧୧ ତାରିଖ ଦିନ ଏବଂ ଝାରସୁଗୁଡ଼ା ଥାନାରେ ୧୩ ତାରିଖ ଦିନ ସୁନା ଠକେଇ ନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଘଟଣାର ତଦନ୍ତ କରି ଉତ୍ତରପ୍ରଦେଶ ମେରଟର ଜୋହର ଅଲ୍ଲୀ, ଆମରୋହାର ମହମ୍ମଦ ଇସଲାମ, ଉତ୍ତରାଖଣ୍ଡ ଉଦାମ ସିଂହ ନଗରର ଶାହିଦ ଅହମ୍ମଦ ଏବଂ ମହମ୍ମଦ ଇକବାଲଙ୍କୁ ଗିରଫ କରିଛି ଝାରସୁଗୁଡ଼ା ପୋଲିସ୍ ।






# ଅଭିନେତ୍ରୀ ଦିଶା ପାଟାନି



ଅଭିନେତ୍ରୀ ଦିଶା ପାଟାନି ଯିଏ ନିଜର ଗ୍ଲାମରସ୍ ଲୁକ୍ ସହିତ ଲୋକଙ୍କୁ ଦିୱାନା କରନ୍ତି। ତାଙ୍କ ବୋଲ୍ଡ ଷ୍ଟାଇଲ୍ ଯୋଗୁଁ ସବୁବେଳେ ଚର୍ଚ୍ଚାକୁ ଆସିଥାନ୍ତି। କିନ୍ତୁ ଏଥର ଦିଶା ନିଜ ଷ୍ଟାଇଲ୍ ପାଇଁ ନୁହେଁ ଆଉ ଏକ କାରଣ ପାଇଁ ଟ୍ରୋଲ ହେଉଛନ୍ତି। ବର୍ତମାନ ସେ ବନାରସରେ ପହଞ୍ଚିଛନ୍ତି। ସେଠାରେ ଗଙ୍ଗା ଆରତୀ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଦିଶାଙ୍କ ଗଙ୍ଗା ଆରତୀ ପ୍ରଦର୍ଶନ କରୁଥିବା ଭିଡିଓ ଭାଇରାଲ ହେବା ମାତ୍ରେ ପୋଷାକ ହେତୁ ଟ୍ରୋଲ ହୋଇଯାଇଥିଲେ। ଦିଶା ଭିଡିଓରେ ଏକ ଛୋଟ ଫସଲ ଟପ୍ ପିନ୍ଧିଥିବାର ନଜର ଆସିଥିଲେ। ଦିଶାଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଭିଡିଓରେ, ଆପଣ ଦେଖିବେ ଯେ ଦିଶା ଏକ କଳା ରଙ୍ଗର ଟପ୍ ପିନ୍ଧିଛନ୍ତି ଏବଂ ଏହା ଉପରେ ଏକ ଶାଲ ଘୋଡାଇ ହୋଇଛନ୍ତି। ଭିଡିଓରେ ତାଙ୍କ ଚାରିପାଖରେ କିଛି ଶ୍ରଦ୍ଧାଳୁ ଏବଂ ଭକ୍ତ ନଜର ଆସିଥିଲେ। ଏହି ଅଭିନେତ୍ରୀ ଭିଡିଓରେ ଗଙ୍ଗା ଆଳତୀ କରୁଥିବା ନଜର ଆସିଥିଲେ। କିନ୍ତୁ ଏହି ଭିଡିଓ ଦେଖି ଟ୍ରୋଲରମାନେ ରାଗି ଯାଇଥିଲେ। ଜଣେ ଟ୍ରୋଲର କମେଂଟରେ ଲେଖିଛନ୍ତି- 'ମନରେ ବହୁତ ଦୋଷ ଅଛି ଏବଂ ପାଟିରେ ଗଙ୍ଗା ... ଗଙ୍ଗା ଆସିକି କି ଲାଭ' ଅନ୍ୟ ଜଣେ ଲେଖିଛନ୍ତି- 'ଶସ୍ତା ପବ୍ଲିସିଟି ... ଲଜ୍ଜାଜନକ। ଏହି ଉପାୟରେ ଟ୍ରୋଲରମାନେ ଭିଡିଓରେ ଦିଶାଙ୍କ ବିଷୟରେ ଅନେକ ମନ୍ତବ୍ୟ ଦେଉଛନ୍ତି। କାମ ବିଷୟରେ କହିବାକୁ ଗଲେ ଏହି ଅଭିନେତ୍ରୀ ଖୁବ୍ ଶୀଘ୍ର ସିଦ୍ଧାର୍ଥ ମଲହୋତ୍ରା ଏବଂ ରାଶି ଖାନ୍ନାଙ୍କ ସହ ଫିଲ୍ମ 'ଯୋଦ୍ଧା'ରେ ନଜର ଆସିବେ। ଏହା ବ୍ୟତୀତ ଦିଶାଙ୍କ ହାତରେ 'ପ୍ରୋଜେକ୍ଟ କେ' ଫିଲ୍ମ ରହିଛି। ଏହି ଚଳଚ୍ଚିତ୍ରରେ ସେ ଅମିତାଭ ବଚ୍ଚନ, ପ୍ରଭାସ ଏବଂ ଦୀପିକା ପାଦୁକୋନଙ୍କ ସହ ବଡ ପରଦାରେ ନଜର ଆସିବେ। ଦିଶାଙ୍କୁ ଶେଷ ଥର ପାଇଁ ଫିଲ୍ମ 'ଏକ ଭିଲେନ୍ ରିଟର୍ନସ୍'ରେ ଦେଖିବାକୁ ମିଳିଥିଲା। କିନ୍ତୁ ଏହି ଚଳଚ୍ଚିତ୍ର ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା।

# ପ୍ରଥମ ଥର ନିଆଗଲା ମୂଷା ମସ୍ତିଷ୍କର କ୍ଲାଇଡୋସ୍କୋପିକ୍ ଇମେଜ୍

ବୈଜ୍ଞାନିକମାନେ ନିକଟରେ ମ୍ୟାଗ୍ନେଟିକ ରେଜୋନେନ୍ସ ଇମେଜିଂ (ଏମଆରଆଇ) ସିଷ୍ଟମକୁ ଆହୁରି ଭଲ କରିବାକୁ ଚେଷ୍ଟା କରିଛନ୍ତି। ଏଥିରେ ସେ ଏମଆରଆଇର ରିଜୋଲ୍ୟୁସନକୁ ସାଧାରଣ ଅପେକ୍ଷା ୬.୪ କୋଟି ଗୁଣା ଆହୁରି ବଢାଇ ଦେଇଛନ୍ତି। ସେ ମୂଷାର ମସ୍ତିଷ୍କର ହାଇ ରିଜୋଲ୍ୟୁସନ ଫଟୋ ନେବାକୁ ଏହି ଟେକନିକ୍ର ବ୍ୟବହାର କରିଛନ୍ତି। ଏଥିରେ ମୂଷାର ଅଙ୍ଗ ଏପରି ଦେଖାଯାଉଛି, ଯେମିତି ପୂର୍ବରୁ କେବେ ଦେଖା ଯାଉନଥିଲା।



ବର୍ତମାନ ଏହି ଟେକନିକ୍ରେ ଏକ ମୂଷାର ମସ୍ତିଷ୍କର ଫଟୋ ନିଆଯାଇଛି, ଗବେଷକମାନେ ଅନୁମାନ କରିଛନ୍ତି ଖୁବ୍ ଶୀଘ୍ର ଏହି ସ୍କାନ ମନୁଷ୍ୟଙ୍କ ଉପରେ ବି କରାଯାଇପାରେ। ଏହି ଟେକନିକ୍ ଡାକ୍ତରମାନଙ୍କୁ ମାନବ ମସ୍ତିଷ୍କରେ ନ୍ୟୁରୋଡିଜେନେରେଟିଭ୍ ରୋଗ କାରଣରୁ ହେବାକୁ ଥିବା ପରିବର୍ତନ ବିଷୟରେ ଜାଣିବାକୁ ସାହାଯ୍ୟ କରିବ। ମାଉସ୍ର ସ୍କାନ ବିଷୟରେ ନିକଟରେ ଏକ ଗବେଷଣାରେ କୁହାଯାଇଛି, ଯାହାକି ପିଏନଏଏସ ଜର୍ନଲରେ ପ୍ରକାଶିତ ହୋଇଛି। ଡ୍ୟୁକ୍ ୟୁନିଭର୍ସିଟିରେ ରେଡିଓଲଜିର ଜଣେ ପ୍ରଫେସର ଓ ଗବେଷଣାର ମୁଖ୍ୟ ଲେଖକ ଜୀ ଏଲନ ଜନସନ କହିଛନ୍ତି କି ଏହା ବହୁତ ଆକର୍ଷଣୀୟ। ଏବେ ଆମେ ନ୍ୟୁରୋଡିଜେନେରେଟିଭ୍ ରୋଗ ଗୁଡ଼ିକୁ ଅଲଗା ପ୍ରକାରରେ ଦେଖିବା ଆରମ୍ଭ କରିପାରିବା। ଉଲ୍ଲେଖନୀୟ ଯେ, ଚାରି ଦଶକରୁ ଜନସନ ଓ ତାଙ୍କ ଟିମ୍ ଏମଆରଆଇର ସୁଧାର ଉପରେ କାମ କରୁଛନ୍ତି। ଏମଆରଆଇର ଆବିଷ୍କାର ୫୦ ବର୍ଷ ପୂର୍ବେ ଆମେରିକୀୟ ଡାକ୍ତର ରେମଣ୍ଡ ଦମାଦିୟନ କରିଥିଲେ। ଏହି ଟେକନିକରେ ସୁଧାର ପାଇଁ, ଗବେଷକମାନେ ଏକ ହାଇ ପାୱାରର ୯.୪-ଟେସଲା ମ୍ୟାଗ୍ନେଟ୍ ଥିବା ଏମଆରଆଇ ପ୍ରସ୍ତୁତ କରିଛନ୍ତି। ଅଧିକାଂଶ ଏମଆରଆଇରେ ୧.୫ରୁ ୩ ଟେସା ମ୍ୟାଗ୍ନେଟ୍ ହୋଇଥାଏ।



# 'ଧୁମ୍'ର ଅଲି ଚିହ୍ନିବା ମୁସ୍କିଲ୍



ଫିଲ୍ମ 'ଧୁମ୍'ରୁ ଅଲିଙ୍କୁ ତ ସମସ୍ତେ ମନେ ରଖିଥିବେ ତ ... ହଁ, ସେହି ଅଲି ଯିଏ ନିଜ ଫିଟ୍ ଶରୀର ସହିତ ଲୋକଙ୍କ ହୋସ୍ ଉଡାଇ ଦେଇଥିବା। କିନ୍ତୁ ବର୍ତମାନ ଏହି ଅଲି ମୋଟା ହେବାରେ ଲାଗିଛନ୍ତି। ଯଶ ଚୋପ୍ରାଙ୍କ ପନ୍ନୀ ପାମେଲା ଚୋପ୍ରାଙ୍କ ମାଆ ୨୦ ଏପ୍ରିଲରେ ୭୪ ବର୍ଷ ବୟସରେ ଦେହାନ୍ତ ହୋଇଥିଲେ। ପାମେଲାଙ୍କ ମୃତ୍ୟୁ ଖବର ସମସ୍ତଙ୍କୁ ଚକିତ କରିଥିଲା। ଏହି ସମୟରେ ଉଦୟ ଚୋପ୍ରାଙ୍କ ଘରୁ ବାହାରକୁ ଆସୁଥିବା ଭିଡିଓ ସାମ୍ନାକୁ ଆସିଥିଲା। ଏହି ଭିଡିଓ ଦେଖିଥିବା ବ୍ୟକ୍ତି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କାରଣ 'ଧୁମ୍' ଚଳଚ୍ଚିତ୍ରର ଅଲି ଆଉ ସମାନ ନୁହଁନ୍ତି। ଲୋକମାନେ ତାଙ୍କ ଧଳା କେଶ ଦେଖି ଏବଂ ପେଟ ବାହାରିଥିବା ଦେଖି ତାଙ୍କୁ ଚିହ୍ନି ପାରିଲେ ନାହିଁ। ମା ପାମେଲା ଚୋପ୍ରାଙ୍କର ମୃତ୍ୟୁ ହୋଇଥିଲା। ଏହି ଅବସରରେ, ଉଦୟଙ୍କ ଫଟୋ ଏବଂ ଭିଡିଓରେ ଅତ୍ୟନ୍ତ ଭାବପ୍ରବଣ ଦେଖାଯାଉଥିଲେ। ଏହି ସମୟରେ ଅଭିନେତାଙ୍କ ଲୁକ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଉଦୟଙ୍କ ଚେଞ୍ଜ୍ ଲୁକଙ୍କ ଶରୀର ବର୍ତମାନ ସମ୍ପୂର୍ଣ୍ଣ ଓଲଟପାଲଟ ହୋଇଯାଇଛି। ବର୍ଦ୍ଧିତ ଓଜନ, ଧଳା କେଶ ଏବଂ ପେଟ ବଢିବା ଦେଖି ଆପଣ ଏହା ମଧ୍ୟ କହିବେ ଯେ ସେ ଅଲି ନୁହଁନ୍ତି। ଏହି ଫଟୋ ଗୁଡ଼ିକରେ, ଅଭିନେତାଙ୍କ ପରିବର୍ତନ ହୋଇଥିବାର ଦେଖି ଚିହ୍ନିବା କଷ୍ଟକର ହୋଇଯାଇଥିଲା। ଫଟୋ ଗୁଡ଼ିକରେ ଉଦୟ ଚୋପ୍ରା ଧଳା ରଙ୍ଗର କୁର୍ତା ଏବଂ କଳା ଚଷମା ପିନ୍ଧିଥିଲେ। ପ୍ରଶଂସକମାନେ ମଧ୍ୟ ଅଭିନେତାଙ୍କର ଏହି ଲୁକ୍ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ସେମାନେ କହିଛନ୍ତି ଯେ ଧୁମ୍ରେ ଫିଟ୍ ଦେଖାଯାଉଥିବା ଅଭିନେତାଙ୍କ ସହିତ କ'ଣ ହେଲା। କହିବାକୁ ଗଲେ ଉଦୟ ଫିଲ୍ମ 'ମୋହବତେନ' ରୁ କ୍ୟାରିୟର ଆରମ୍ଭ କରିଥିଲେ। ଏହି ଚଳଚ୍ଚିତ୍ର ତାଙ୍କ କ୍ୟାରିଅରରେ କାମ କରିନଥିଲା।

# ଫଟୋଗ୍ରାଫରଙ୍କ ପ୍ରଶ୍ନରେ ଲାଜେଇ ଗଲେ ପରିଣୀତି

ବଲିଉଡ ଅଭିନେତ୍ରୀ ପରିଣୀତି ଚୋପ୍ରା ଆମ୍ ଆଦମୀ ପାର୍ଟିର ନେତା ରାଘବ ଚଢାଙ୍କ ପ୍ରେମ ସମ୍ପର୍କ ଏବେ ସମସ୍ତଙ୍କ ସାମ୍ନାକୁ ଆସିଛି। ବର୍ତ୍ତମାନ ଉଭୟଙ୍କ ସମ୍ପର୍କ ଯୋଗୁଁ ଅଛନ୍ତି। ପରିଣୀତି ଏବଂ ରାଘବ ପ୍ରାୟତଃ ଦୁହେଁ ଏକାଠି ନଜର ଆସୁଛନ୍ତି। ଯାହା ପରେ ଏଭଳି ଖବର ମଧ୍ୟ ଶୁଣିବାକି ମିଳିଲା ଯେ ଦୁହେଁ ଗୁପ୍ତରେ ନିର୍ବନ୍ଧ କରିସାରିଛନ୍ତି। ଖୁବ୍‌ଶୀଘ୍ର ବିବାହ କରିବାକୁ ଯାଉଛନ୍ତି। ଅନେକ ଗଣମାଧ୍ୟମ ରିପୋର୍ଟରେ ଦାବି କରାଯାଉଛି ଯେ ରାଘବ ଏବଂ ପରି ଚଳିତ ବର୍ଷ ଅକ୍ଟୋବର ମାସରେ ସାତ ଫେରା ନେବାକୁ ଯାଉଛନ୍ତି। ଏହି ସମୟରେ ପରିଙ୍କୁ ବିମାନବନ୍ଦରରେ ଦେଖିବାକୁ ମିଳିଥିଲା। ଯେଉଁଠାରେ ଅଭିନେତ୍ରୀଙ୍କୁ ରାଘବଙ୍କ ସହ ତାଙ୍କ ବିବାହ ଖବର ଉପରେ ପ୍ରଶ୍ନ ପଚରାଯାଇଥିଲା। ଏହି ପ୍ରଶ୍ନଗୁଡିକ ଶୁଣି ହସିବାକୁ ଲାଗିଲେ। ଭିଡିଓରେ ପାପାରାଜି ଅଭିନେତ୍ରୀଙ୍କୁ ପଚାରିଛନ୍ତି ଯେ ଆମେ ସମସ୍ତେ 'ଲଡକିୱାଲ୍' ହୋଇ ବିବାହ ଉତ୍ସବରେ କେବେ ଯୋଗ ଦେବୁ ପରି କୁହନ୍ତି, 'ତୁମେ ସମସ୍ତେ ପାଗଳ ହୋଇଯାଇଛ କି' କହି ହସି ହସି ପଳାନ୍ତି। ଏହାପୂର୍ବରୁ ଅଭିନେତ୍ରୀଙ୍କ ବିବାହକୁ ନେଇ ଅନେକ ପ୍ରଶ୍ନ ଉଠିଛି, ହେଲେ ଏପର୍ଯ୍ୟନ୍ତ ଅଭିନେତ୍ରୀ ଏ ବିଷୟରେ କିଛି କହିବାକୁ ମନା କରି ଦେଇଛନ୍ତି। କହିବାକୁ ଗଲେ ରାଘବ ଏବଂ ପରିଙ୍କ ସମ୍ପର୍କ ବର୍ତମାନ ଚର୍ଚ୍ଚା ଅଛି। ପ୍ରଶଂସକମାନେ ଉଭୟଙ୍କ ଯୋଡିକୁ ପ୍ରଶଂସା କରୁଛନ୍ତି।

# ଅଦ୍ଭୁତ ଜୀବ ! ବୈଜ୍ଞାନିକଙ୍କୁ ଆଶ୍ଚର୍ଯ୍ୟ କଲା ଏହି ନୂଆ ପ୍ରଜାତି

ବୈଜ୍ଞାନିକଙ୍କୁ ଆଶ୍ଚର୍ଯ୍ୟ କଲା ଏକ ନୂଆ ପ୍ରଜାତିର ଜୀବ। ହଂକଂର ଏକ ବିଶ୍ୱବିଦ୍ୟାଳୟରେ ଗବେଷକଙ୍କ ଏକ ଟିମ୍ ବକ୍ସ ଜେଲିଫିସ ଭଳି ଦେଖିବାକୁ ଏକ ନୂଆ ପ୍ରଜାତିକୁ ଆବିଷ୍କାର କରିଛନ୍ତି। ଗବେଷକଙ୍କ ମୁତବିକ, ଜେଲିଫିସର ଏହି ନୂଆ ପ୍ରଜାତିର ନାଁ ତ୍ରିପେଡାଲିଆ ମାଇପୋଏନ୍ସିସ ଦିଆଯାଇଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାରି ଏକ ପ୍ରେସ୍ ରିଲିଜ୍‌ରେ କୁହାଯାଇଛି କି, ରିସର୍ଚ୍ଚରୁ ଜଣାପଡ଼ିଥିବା ଏହି ନୂଆ ପ୍ରଜାତି ବିଷୟରେ ଆହୁରି ଜାଣିବାକୁ ଗବେଷକମାନେ କାମ କରିବା ଆରମ୍ଭ କରି ଦେଇଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ଏହା କି ତ୍ରିପେଡାଲିଆ ମାଇପୋଏନ୍ସିସ ନାମକ ଏହି ପ୍ରଜାତି ୨୪ ଆଖି ବିଶିଷ୍ଟ। ଏହି ପ୍ରଜାତିର ୨୪ ଆଖି ୪ ଗ୍ରୁପ୍‌ରେ ରହିଛି। ଜେଲିଫିସ୍ ପରି ଏଥିରେ ୧୦ ସେଂଟିମିଟର ଯାଏ ଲମ୍ବା ୩ଟି ଟେଂଟ ତିଆରି ହୋଇଛି, ଯାହା ନାବର ପେଡାଲ ପରି ଦେଖିବାକୁ। ଏହି ଟେଂଟ ଏହାର ଶରୀର ଆକୃତିକୁ ଦୃଢତା ପ୍ରଦାନ କରିଥାଏ। ରିସର୍ଚ୍ଚରେ କୁହାଯାଇଛି କି, ଏହା ଅନ୍ୟ ପ୍ରକାରର ଡେଲିଫିସ୍ ତୁଳନାରେ ତ୍ରିପେଡାଲିଆ ମାଇପୋଏନ୍ସିସ ପ୍ରଜାତି ଖୁବ୍ ଜୋରରେ ପହଁରି ପାରେ। ଗବେଷକଙ୍କ ଅନୁସାରେ ୨୪ ଟି ଆଖି ଥିବା ଏହି ପ୍ରଜାତିରେ ୨ଟି ଆଖି ରହିଛି, ଯାହା ସାହାଯ୍ୟରେ ଏହା ଦେଖିପାରେ। ଅନ୍ୟ ୪ଟି କେବଳ ଆଲୋକକୁ ଅନୁଭବ କରିପାରେ। ଏହି ପ୍ରଜାତିର ଆବିଷ୍କାର ପରେ ସମୁଦ୍ରରେ ଜୈବ ବିବିଧତା ବଢିବାର ସଙ୍କେତ ନଜର ଆସୁଛି। ସୂଚନାକାରୀ ଅନୁସାରେ, ବକ୍ସ ଜେଲିଫିସ୍ ଚାଇନାର ସାମୁଦ୍ରିକ ଜଳରେ ବହୁତ କମ୍ ଦେଖିବାକୁ ମିଳେ।



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୫, ଫେବୃଆରୀ ୧୫**

# ଗଣତନ୍ତ୍ରରେ ବଂଶବାଦ : ଭାରତୀୟ ମତଦାତାଙ୍କ ହାତରେ ଚାବୁକ



ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ମୁଣ୍ଡ ଉପରେ ନିର୍ବାଚନର ଗରମ। ଛକମୁଣ୍ଡ ପାନ ଦୋକାନରୁ ଢ଼ିଙ୍କିଶାଳରୁ ଢ଼େଙ୍କାନାଳ ଯାଏ ସବୁଠି ନିର୍ବାଚନକୁ ନେଇ ଚର୍ଚ୍ଚା ଆଉ ଅନେକ ଗୁଡ଼ି ଉଡା। ରାଜନୀତିରେ ପରିବାରବାଦକୁ ନେଇ କିଛି ଦିନ ତଳେ ଆରଜେଡ଼ି ନେତା ଲାଲୁ ପ୍ରସାଦ ଯାଦବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କର ପରିବାର ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ। ଆଉ ରାଜନୀତିରେ ପ୍ରତିପକ୍ଷଙ୍କ ଶବ୍ଦକୁ ନେଇ କିପରି ଏହାକୁ ଜନତାଭିମୁଖୀ କରିହେବ ସେ କୌଶଳ ବେଶ ଜଣା। ତେବେ ରାଜନୀତିରେ ପରିବାରବାଦ, ବଂଶବାଦ ଆଉ ରାଜତନ୍ତ୍ର ଯୋଡ଼ାଯୋଡ଼ି ଶବ୍ଦ କହିଲେ ଅତ୍ୟୁକ୍ତି ହେବନାହିଁ। ଏହା ପରସ୍ପରର ପ୍ରତିରୂପ କିନ୍ତୁ ଗଣତନ୍ତ୍ର ସହ ପରିବାର ବାଦର ଦୂର ଯୋଜନା ପର୍ଯ୍ୟନ୍ତ ବିନ୍ଦୁଏ ସମ୍ପର୍କ ନଥାଏ। ସମସ୍ତଙ୍କ ପାଇଁ ସମାନ ଅଧିକାର, ସମାନ ସୁଯୋଗର ପବିତ୍ର ନାମଯପ କରୁଥିବା ଗଣତନ୍ତ୍ର ଓ ଜନ୍ମଗତ ସମ୍ପର୍କ ଆଧାରରେ ଉତ୍ତରାଧିକାରୀ ସୂତ୍ରେ ସୁଯୋଗ ଓ ଅଧିକାରର ପୃଷ୍ଟପୋଷକତା କରୁଥିବା ବଂଶବାଦ ପରସ୍ପରର ପରିପନ୍ଥୀ। ଭାରତୀୟ ଗଣତନ୍ତ୍ର ପରିବାରବାଦକୁ ଉଦାର ପୃଷ୍ଟପୋଷକତା ଦେଇ ଆସିଛି। ଏହି ନିଷ୍ଠୁର ବାସ୍ତବତା ପଛରେ ବିଡ଼ମ୍ବନା ବେଶ ଜଳ ଜଳ। ଏହା ନିଃସନ୍ଦେହ ଭାରତରେ ଗଣତନ୍ତ୍ର ଯେତିକି ଆଗକୁ ବଢୁଛି ଆଉ ପୁରୁଣା ହୋଇଚାଲୁଛି ରାଜନୈତିକ ବ୍ୟବସ୍ଥାରେ ପରିବାରବାଦର ମୋଟା ଚଉଡା ଚେରଟି ତଳକୁ ତଳ ବେଶ ଲମ୍ବି ଚାଲିଛି। ଚଳିତ ଲୋକସଭାର ତିନି ଭାଗରୁ ଭାଗେ ସାଂସଦଙ୍କର ପାରିବାରିକ ପୃଷ୍ଠଭୂମି ରହିଛି। ପାରିବାରିକ ପୃଷ୍ଠଭୂମିର ବିଶ୍ଳେଷଣ କରି ଅଶୋକ ବିଶ୍ୱବିଦ୍ୟାଳୟର ତ୍ରିବେଦୀ ସେଣ୍ଟର ଫର ପଲଟିକାଲ ଡାଟା ପକ୍ଷରୁ ପ୍ରସ୍ତୁତ ହୋଇଥିବା ରିପୋର୍ଟର ତଥ୍ୟ ଅନୁଯାୟୀ ଭାରତୀୟ ଗଣତନ୍ତ୍ରର ଶୀତୁଆ ଆଉ ସୁରକ୍ଷିତ ଛାଇରେ କାୟା ବିସ୍ତାର କରି ଚାଲିଥିବା ପରିବାରବାଦର ହିତାଧିକାରୀ ସାଂସଦଙ୍କ ସଂଖ୍ୟା ଢ଼େର ବଢୁଛି। ଗତଥର ଯାହା ପଚିଶ ଭାଗ ରହିଥିଲା ଚଳିତ ଥର କୌଣସି ରାଜନୈତିକ ପରିବାରର ଉତ୍ତରାଧିକାରୀ ଭାବେ ସଂସଦକୁ ପ୍ରବେଶର ସୁଯୋଗ ପାଇଥିବା ଭାଗ ତିରିଶକୁ ବଢ଼ିଛି। କୌତୁହଳପୂର୍ଣ୍ଣ ବିଡ଼ମ୍ବନାହେଲା ଭାରତରେ ଗଣତନ୍ତ୍ର ପ୍ରତିଷ୍ଠା କରିଥିବା କଂଗ୍ରେସ ବଂଶବାଦ ଦ୍ୱାରା ସବୁଠାରୁ ଅଧିକ କବଳିତ। ଚଳିତ ଲୋକସଭାକୁ ନିର୍ବାଚିତ ସର୍ବପୁରାତନ ଦଳର ସାଂସଦଙ୍କ ମଧ୍ୟରୁ ପାଖାପାଖି ଅଧା କଂଗ୍ରେସରେ କୋଳି ଖାଇ ମଞ୍ଜି ପୋତିଥିବା ପରିବାର ଗୁଡ଼ିକର ଦ୍ୱିତୀୟ, ତୃତୀୟ, ଏପରିକି ଚତୁର୍ଥ, ପଞ୍ଚମ ପିଢ଼ିର ସଦସ୍ୟ। କଂଗ୍ରେସର ନବ ନିର୍ବାଚିତ ସାଂସଦଙ୍କ ମଧ୍ୟରେ ୪୪% ବଂଶବାଦର ଧ୍ୱଜାଧାରୀ। ଏହା ଆଦୌ ଅପ୍ରତ୍ୟାଶିତ ନୁହେଁ। କଂଗ୍ରେସ ରାଜନୀତିରେ ବଂଶବାଦର ଧାରା ଚାଲି ଆସୁଥିବାରୁ କ୍ୱଚିତ ଏହା କାହାକୁ ବିସ୍ମିତ କରିଥିବ। କିନ୍ତୁ ପରିବାରବାଦରେ ପୃଷ୍ଟପୋଷକ ଭାବେ କଂଗ୍ରେସ ଆଡ଼କୁ ଅଙ୍ଗୁଳି ଦେଖାଇ ନେହେରୁ ଗାନ୍ଧୀ ପରିବାର ସର୍ବଦା ତୀବ୍ର ଭର୍ତ୍ସନା କରି ଆସୁଥିବା ବିଜେପି ମଧ୍ୟ ବଂଶବାଦ ପ୍ରସଙ୍ଗରେ ତୁଳସୀପତ୍ର ନୁହେଁ। ନିଜକୁ ଅନ୍ୟ ଠାରୁ ଭିନ୍ନ ଦାବି କରୁଥିବା ଗୈରିକ ଦଳର ନବ ନିର୍ବାଚିତ ସାଂସଦଙ୍କ ମଧ୍ୟରୁ ଚଉଠେ ପରିବାରବାଦର ହିତାଧିକାରୀ। ବିଦାୟୀ ଲୋକସଭା ୨୮୨ ସାଂସଦଙ୍କ ମଧ୍ୟରୁ ପ୍ରାୟ ୧୦୦ ଜଣଙ୍କୁ ଟିକେଟ ନ ଦେବା ସତ୍ତ୍ୱେ ବିଜେପି ସାଂସଦ ତାଲିକାରେ ଏତେ ସଂଖ୍ୟାରେ ବଂଶବାଦର ହିତାଧିକାରୀ ରହିବା ନିଶ୍ଚୟ ବିସ୍ମୟକର ଓ ଦୋମୁହାଁ ନୀତିର ପରିଚାୟକ। ଏହା ସ୍ପଷ୍ଟ ସୂଚାଉଛି ଯେ ବଂଶବାଦ ରାସ୍ତାରେ ହିନ୍ଦୁତ୍ୱ ଦଳ କଂଗ୍ରେସ ଠାରୁ ବିଶେଷ ପଛରେ ନାହିଁ।

ଗଣତନ୍ତ୍ରରେ ବଂଶବାଦ ପ୍ରସଙ୍ଗରେ ଭାରତ ପରିପ୍ରେକ୍ଷୀରେ ଆଉ ଏକ ବିଷୟ ମଧ୍ୟ ବିଶେଷ ଉଲ୍ଲେଖର ଅପେକ୍ଷା ରଖୁଛି। ବଂଶବାଦକୁ ଭାରତୀୟ ମତଦାତା ପ୍ରଗହଣ କରି ନେଇଛନ୍ତି। ଅନ୍ୟଥା ପାରିବାରିକ ସମ୍ପର୍କକୁ ପୁଞ୍ଜି କରି ଏତେ ସଂଖ୍ୟାରେ ଜନ ପ୍ରତିନିଧିଙ୍କୁ ଜନତା ନିର୍ବାଚିତ କରନ୍ତେନାହିଁ। ଏମିତି ନୁହେଁ ଯେ, ଗୋଟିଏ ଜଣାଶୁଣା ରାଜନୈତିକ ପରିବାରର ନାମ ନେଇ ନିର୍ବାଚନ ମଇଦାନକୁ ଓହ୍ଲାଇ ଥିବା ବଂଶବାଦର ହିତାଧିକାରୀ ପ୍ରାର୍ଥୀଙ୍କ ନିର୍ବାଚନରେ ବିଜୟ ସମ୍ଭାବନା ଅଧିକ। ଏକାଧିକ ଗବେଷଣା ଓ ସ୍ୱାଧୀନ ଅନୁଧ୍ୟାନରୁ ଏହି ନିର୍ଯାସ ବାହାରିଛି। ନୂଆ ଲୋକସଭାରେ ନବାଗତ ସାଂସଦଙ୍କ ମଧ୍ୟରେ ଏକ ଚତୁର୍ଥାଂଶ ଏହି ବର୍ଗର। ଯାହା ବଂଶ ପରିଚୟ ଯେ ରାଜନୀତିରେ ଏକ ବଡ଼ ପୁଞ୍ଜି ନିର୍ବାଚନରେ ଏକ ବନ ଯୋଗ୍ୟତା ତାର ପ୍ରମାଣ। ଯେହେତୁ, ବଂଶ ପରିଚୟ ଜଣେ ପ୍ରାର୍ଥୀଙ୍କ ସପକ୍ଷରେ ଜନମତକୁ ଢ଼ଳେଇବାରେ ଯଥେଷ୍ଟ ସହାୟକ ହେଉଛି ରାଜନୈତିକ ଦଳମାନେ ମଧ୍ୟ ବଂଶ ପରିଚୟକୁ ପ୍ରାର୍ଥୀତ୍ୱ ପାଇଁ ଏକ ବିଶେଷ ଯୋଗ୍ୟତା ଭାବେ ବିଚାର କରିବାକୁ ବାଧ୍ୟ ହେଉଛନ୍ତି। ପ୍ରାର୍ଥୀ ଚୟନରେ ବଂଶଗତ ପରିଚୟକୁ ଗୁରୁତ୍ୱ ସ୍ୱତଃ ପାତରଅନ୍ତରକୁ ପ୍ରୋତ୍ସାହିତ କରୁଛି ଯାହାର ଶିକାର ବହୁ ଅନ୍ୟଥା ଯୋଗ୍ୟ ପ୍ରାର୍ଥୀ ହେଉଛନ୍ତି।

କେବଳ ଗତ କିମ୍ବା ଚଳିତ ଲୋକସଭାରେ ନୁହେଁ ପ୍ରତି ରାଜ୍ୟର ବିଧାନସଭା, ଏପରିକି ତୃଣମୂଳ ସ୍ତରରେ ନିର୍ବାଚିତ ପୌରସଂସ୍ଥା ଓ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକରେ ମଧ୍ୟ ପରିବାରବାଦର ପତାକା ଧରିଥିବା ଜନପ୍ରତିନିଧିଙ୍କ ସଂଖ୍ୟା କିଛି କମ ନୁହେଁ। ଗଣତାନ୍ତ୍ରିକ ଅନୁଷ୍ଠାନ କଣ ପାରିବାରିକ ସମ୍ପତ୍ତି ? ରାଜନୀତି କ'ଣ ଏକ କୌଳିକ ବୃତ୍ତି ? ଭାରତର ନିର୍ବାଚିତ ଗଣତାନ୍ତ୍ରିକ ଅନୁଷ୍ଠାନ ଗୁଡ଼ିକର ଚିତ୍ର ଓ ରାଜନୀତିର ଚରିତ୍ର ଦେଖିଲେ ଉପରୋକ୍ତ ପ୍ରଶ୍ନର ଉତ୍ତର ହଁ ରେ ମିଳିପାରେ। ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ରାଜନୈତିକ ସଂସ୍କୃତିରେ ବଂଶବାଦ କ୍ଷୀର ନୀର ଭଳି ମିଶିଯାଇଛି। ସର୍ବପୁରାତନ ଦଳ କଂଗ୍ରେସକୁ ବଂଶବାଦ ମୁଖ୍ୟ ପୃଷ୍ଠ ପୋଷକ ଭାବେ ସର୍ବଦା କାଠଗଡ଼ାରେ ଠିଆ କରାଯାଇଥାଏ। କିନ୍ତୁ ବାସ୍ତବତା ହେଲା ଦେଶର ଅଧିକାଂଶ ଆଞ୍ଚଳିକ ଦଳ ଆଜି ଗୋଟିଏ ଗୋଟିଏ ପାରିବାରିକ ଉଦ୍ୟୋଗ। ସମାଜବାଦୀ ପାର୍ଟିରେ ଅଖିଳେଶ, ଡିଏମ୍‌କେରେ ଏମ.କେ. ଷ୍ଟାଲିନ ଆଜି ଉତ୍ତରାଧିକାରୀ ସୂତ୍ରରେ ଦଳର ମୁଖ୍ୟ। କର୍ଣ୍ଣାଟକର ଜେଡ଼ି ଓ ବିହାରରେ ଆରଜେଡ଼ି ସମ୍ପୂର୍ଣ୍ଣ ଭାବେ ଯଥାକ୍ରମେ ଏଚଡ଼ି ଦେବେଗୌଡ଼ା ଓ ଲାଲୁ ଯାଦବଙ୍କ ପାରିବାରିକ ସମ୍ପତ୍ତି। ଓଡ଼ିଶାରେ ମଧ୍ୟ ପରିବାରବାଦର ଯେତିକି ଲମ୍ବା ଲେଖିଲେ ବି କଳେବର ନିଅଣ୍ଟ ପଡ଼ିଯିବ। କେବଳ ମୁଖ୍ୟମନ୍ତ୍ରୀ ପରିବାରର ତାଲିକା ଭିତରେ ଅନେକ ଦଳର ରହିଛନ୍ତି। କଂଗ୍ରେସ ଭଳି ବିଜେପିର ତୁଙ୍ଗ ନେତୃତ୍ୱ ସ୍ତରରେ ବଂଶବାଦ ନାହିଁ କିନ୍ତୁ ମଧ୍ୟ ଓ ତଳ ସ୍ତରରେ ବିଜେପି ମଧ୍ୟ ପରିବାରବାଦରୁ ମୁକ୍ତ ନୁହେଁ। ବିଶ୍ୱ ରାଜନୀତିକୁ ଦେଖିଲେ ବଂଶବାଦର ପୃଷ୍ଟପୋଷକତା ଓ ପ୍ରୋତ୍ସାହନ କ୍ଷେତ୍ରରେ ଭାରତର ପଡ଼ୋଶୀ ରାଷ୍ଟ୍ରର ପାକିସ୍ତାନ, ଶ୍ରୀଲଙ୍କା, ବାଙ୍ଗଲାଦେଶ ସମେତ ଅନ୍ୟ କିଛି ରାଷ୍ଟ୍ର ମଧ୍ୟ ବଂଶବାଦର ପ୍ରଭାବିତ। ସାମ୍ୟବାଦୀ ଚୀନ ଓ ସମାଜବାଦୀ କ୍ୟୁବା ମଧ୍ୟ ବଂଶବାଦରୁ ବ୍ୟତିକ୍ରମ ହୋଇପାରିନାହିଁ। ଆଉ କମ୍ୟୁନିଷ୍ଟ ରାଜତନ୍ତ୍ର ବସ୍ତୁତଃ ଉତ୍ତରକୋରିଆ ସମ୍ପୂର୍ଣ୍ଣ ବଂଶବାଦ। ତେବେ ଗଣତନ୍ତ୍ରର ପରିଚାଳନା ଓ ବିଧି ବ୍ୟବସ୍ଥାରେ ବଂଶବାଦର ପ୍ରଭାବ କେବେ ବି ସକରାତ୍ମକ ହୋଇନଥାଏ। ଗଣତନ୍ତ୍ରର ଗୁଣାତ୍ମକ ମାନର ଯେଉଁ ଆଘାତ ସୃଷ୍ଟି ହୋଇଥାଏ। ଏହା ଭିତରେ ଭିନ୍ନ ରୂପରେ ରହିଥିବା ବହୁରୂପୀମାନେ ଗଣତନ୍ତ୍ରର ଜମିଦାର ମୂଳକର ସାମନ୍ତ ଚରିତ୍ର ପରି। ଗଣତନ୍ତ୍ରର ଶ୍ରେଷ୍ଠ ଗୁଣଟି ହେଉଛି ଏହା କତିପୟଙ୍କ ହାତରେ ନରହି କ୍ଷମତାର ବିକେନ୍ଦ୍ରିକରଣ ହେଉ। ଲୋକମାନଙ୍କ ନିକଟରେ ପ୍ରଶାସନ ପହଞ୍ଚୁ ଗଣତନ୍ତ୍ରର ଅବକ୍ଷୟ ଘଟିଲେ ପରିବାରବାଦ ଭାରତୀୟ ଗଣତନ୍ତ୍ର ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଭାରତୀୟ ମତଦାତାଙ୍କ ପାଖରେ ସେହି ସାମୁହିକ କ୍ଷମତା ଅଛି ଏହା ଉପରେ ଲଗାମ ଲଗାଇବା ପାଇଁ।

*ବିଭବ, ଆଚାର୍ଯ୍ୟ କଲୋନୀ,*
*ବାଲିଗୁଡ଼ା, କନ୍ଧମାଳ,*
*ଦୂରଭାଷ : ୯୪୩୭୨୪୨୩୧୭*

# ଯକୃତ ପ୍ରତିରୋପଣ ପରବର୍ତ୍ତୀ ସତର୍କତା

ଯକୃତ ହେଉଛି ମନୁଷ୍ୟ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ମନୁଷ୍ୟ ଖାଉଥିବା ଖାଦ୍ୟର ସାର ଅଂଶକୁ ଶରୀରର ବ୍ୟବହାର ଉପଯୋଗୀ କରିବା ସହିତ ଅଦରକାରୀ ଜିନିଷକୁ ବିପଦମୁକ୍ତ କରି ବାହାର କରିବା ଯକୃତର କାମ। ତେଣୁ ଯକୃତ ସୁସ୍ଥ ଓ ସକ୍ରିୟ ରହିଲେ ଜଣେ ନୀରୋଗ ରହିପାରିବେ। କିନ୍ତୁ ପରିତାପର ବିଷୟ ଆଜିକାଲି ଜୀବନଶୈଳୀ ତଥା ଖାଦ୍ୟପେୟରେ ଅନିୟମିତତା ଯକୃତକୁ କ୍ଷତି ପହଞ୍ଚାଉଛି। ଏହାଦ୍ୱାରା ଯକୃତ ଜନିତ ରୋଗ ବଢୁଛି। ଅନ୍ୟପଟେ ଅତ୍ୟଧିକ ମଦ୍ୟପାନ ଏବଂ ମେଦବହୁଳତା କାରଣରୁ ମଧ୍ୟ ଯକୃତ ଜନିତ ସମସ୍ୟା ଦେଖାଯାଇଥାଏ। ତେଣୁ ବେଳେ ବେଳେ ସ୍ଥିତି ଏତେ ଜଟିଳ ହୋଇଯାଏ, ଯକୃତ ଠିକ ଭାବେ କାମ କରେନି ତଥା ଯକୃତ ପୁରା ନଷ୍ଟ ହୋଇଥିଲେ, ଡାକ୍ତର ରୋଗୀଙ୍କୁ ଯକୃତ ପ୍ରତିରୋପଣ କରିବାକୁ ପରାମର୍ଶ ଦିଅନ୍ତି। ତେବେ ଯକୃତ ପ୍ରତିରୋପଣ ପରେ ଜଣେ ବ୍ୟକ୍ତିଙ୍କୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଚଳିବାକୁ ହୁଏ। ଅର୍ଥାତ୍ କିଛି ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ।

କଠିନ ବ୍ୟାୟାମକୁ ନା : ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ବିଶ୍ରାମ ନିଅନ୍ତୁ। କଠିନ କାର୍ଯ୍ୟକୁ ଦୂରେଇ ରୁହନ୍ତୁ। ଅଧିକ ଭାରୀ ଉଠାଣ, ବଙ୍କା କିମ୍ବା କଠିନ ବ୍ୟାୟାମରୁ ଦୂରେଇ ରୁହନ୍ତୁ। ଶରୀରର ତାପମାତ୍ରା ଏବଂ ରକ୍ତଚାପ ଉପରେ ନଜର ରଖନ୍ତୁ। କୌଣସି ଅସ୍ୱାଭାବିକ ପରିବର୍ତ୍ତନ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ କରନ୍ତୁ। ଅସୁସ୍ଥ ତଥା ଫ୍ଲୁ କିମ୍ବା ଥଣ୍ଡା ସଂକ୍ରମିତ ଲୋକଙ୍କ ସହ ଘନିଷ୍ଠ ହୁଅନ୍ତୁନି। ଯକୃତ ପ୍ରତିରୋପଣ ପରେ ପ୍ରତିରକ୍ଷା ପ୍ରଣାଳୀ ଦୁର୍ବଳ ହୋଇଥାଏ। ତେଣୁ ଏଥିପ୍ରତି ଧ୍ୟାନ ଦିଅନ୍ତୁ।

ଖାଦ୍ୟ ସମ୍ବନ୍ଧୀୟ ପରାମର୍ଶ : ଚର୍ବିଯୁକ୍ତ କିମ୍ବା ତେଲ ମସଲା ରନ୍ଧା ଖାଦ୍ୟରୁ ଦୂରେଇ ରୁହନ୍ତୁ।



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଏହି ଖାଦ୍ୟ ହଜମ ହେବା କଷ୍ଟକର ହୋଇପଡ଼େ। ଅନ୍ତନଳୀରେ ଜଳାପୋଡ଼ା ସୃଷ୍ଟି କରିପାରେ। ସନ୍ତୁଳିତ ଖାଦ୍ୟ, ଫଳ ସବୁଜ ପନିପରିବା ଆଦି ଖାଆନ୍ତୁ। ଅଳ୍ପ କରି ବାରମ୍ବାର ଖାଆନ୍ତୁ। ହାଇଡ୍ରେଟେଡ ରୁହନ୍ତୁ। ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବା ସହ ପାଚନ ତନ୍ତ୍ରକୁ ସକ୍ରିୟ କରିବାକୁ ପ୍ରଚୁର ପାଣି ପିଅନ୍ତୁ ଏବଂ କମ ଚିନି ତରଳ ପଦାର୍ଥ ପିଅନ୍ତୁ। କଞ୍ଚା କିମ୍ବା କମ ରନ୍ଧା ମାଂସ, ମାଛ ଏବଂ ଅଣ୍ଡା ଠାରୁ ଦୂରେଇ ରୁହନ୍ତୁ। ଏହି ଖାଦ୍ୟ ଗୁଡ଼ିକ ଖାଦ୍ୟଜନିତ ରୋଗର ଆଶଙ୍କା ସୃଷ୍ଟି କରିପାରେ। ଚିନି ଏବଂ ଲୁଣର ବ୍ୟବହାର ସୀମିତ କରନ୍ତୁ।

ମିଳିତ ଜାତିସଂଘର ରିପୋର୍ଟ ଅନୁସାରେ ପ୍ରତି ବର୍ଷ ବିଶ୍ୱର ପ୍ରତି ଦଶ ଜଣରେ ଜଣେ ଖାଦ୍ୟ ସଂକ୍ରମଣ ଜନିତ ରୋଗରେ ପୀଡ଼ିତ ଏଥି ସହ ବିଶ୍ୱରେ ପ୍ରାୟ ଦୁଇ ଶହରୁ ଅଧିକ ଖାଦ୍ୟ ସଂକ୍ରମଣ ଯୋଗରୁ ହିଁ ହୋଇଥାଏ। ଓଡ଼ିଶାରେ ସାଧାରଣତଃ ଖାଦ୍ୟ ଓ ପାନୀୟ ସଂକ୍ରମଣ ଯୋଗୁଁ ଟାଇଫଏଡ଼ ଜ୍ୱର, ଜିଆଡିଆ, ହଇଜା, ଡିସେଣ୍ଟ୍ରି, ହେପାଟାଇଟିସ-ଏ, ସଲମୋନେଲା, ଇକୋଲାଇ ଆଦି ବହୁ ପ୍ରକାର ରୋଗ ଦେଖାଯାଇଥାଏ। ସେହିପରି ଓଡ଼ିଶାରେ ଆଉ ଏକ ସାଧାରଣ ଜଳବାୟୁ ରୋଗ ହେଉଛି ଏଚ୍ ପାଇଲୋରି ଗ୍ୟାଷ୍ଟ୍ରିଟିସ। ଖାଦ୍ୟ ସଂକ୍ରମଣ ଯୋଗୁଁ ସ୍ନାୟୁ, ଯକୃତ, ପେଟ, ମାଂସପେଶୀ ଆଦି ସମ୍ବନ୍ଧୀୟ ବହୁ ରୋଗ ହୋଇଥାଏ। ତେଣୁ ଯକୃତ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସତର୍କତା ଗ୍ରହଣ କରିବା ଜରୁରୀ। ଏହି ପରିପ୍ରେକ୍ଷୀରେ ଯକୃତ ପ୍ରତିରୋପଣ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ସତର୍କତା ଓ ଡାକ୍ତରଙ୍କ ପରାମର୍ଶ ରହିବା ଜରୁରୀ।

*ସହ-ପ୍ରତିରକ୍ଷିକ ଓ ପ୍ରଫେସର,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ଦିଲ୍ଲୀ : ୭୫ ବର୍ଷର ରାଜନୈତିକ ଇତିହାସ

ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପି ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଠନ କରିଛି। ଆମ୍ଆଦମୀ ପାର୍ଟିର ଅହଂକାର ଭାଙ୍ଗିଛି। ଏ ଭଳି ସମୟରେ ଦିଲ୍ଲୀର ନିର୍ବାଚନୀ ଇତିହାସ ସହ ଜଡିତ କେତେକ ରୋଚକ ପ୍ରସଙ୍ଗର ଆଲୋଚନା କରାଯିବାର ଆବଶ୍ୟକତା ରହିଛି ଯାହା ଅନେକଙ୍କୁ ଜଣା ନାହିଁ। ଦିଲ୍ଲୀ ହେଉଛି ଦେଶର ରାଜଧାନୀ। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ହୃଦୟ। ଦିଲ୍ଲୀର ନିର୍ବାଚନ ଦେଶର ଅନ୍ୟ ରାଜ୍ୟ ମାନଙ୍କର ନିର୍ବାଚନ ଅପେକ୍ଷା ଅନେକାଂଶରେ ଗୁରୁତ୍ୱପୂର୍ଣ୍ଣ। ଶାସନଗାଦି ପାଇଁ ଟଣାଓଟରା ବା ଲଢ଼େଇ ଏବଂ ଜନତାଙ୍କ ସ୍ୱର ମଧ୍ୟରେ ଦିଲ୍ଲୀର ନିର୍ବାଚନୀ ଯାତ୍ରା ସବୁବେଳେ ମଜାଦାର। ୧୯୫୨ ମସିହାରେ ପ୍ରଥମେ ଦିଲ୍ଲୀ ବିଧାନସଭା ଗଠନ ଠାରୁ ଆଜି ପର୍ଯ୍ୟ' ଦିଲ୍ଲୀ ରାଜନୀତିରେ ଅନେକ ପରିବର୍ତ୍ତନ ହୋଇଛି। ବିଶେଷକରି ୧୯୫୬ ରୁ ୧୯୯୩ ପର୍ଯ୍ୟ', ଯେତେବେଳେ ଦିଲ୍ଲୀର ବିଧାନସଭାକୁ ଭଙ୍ଗ କରାଯାଇ କେନ୍ଦ୍ରଶାସିତ ପ୍ରଦେଶରେ ପରିଣତ କରାଯାଇଥିଲା। ଦିଲ୍ଲୀର ରାଜନୀତିରେ କଂଗ୍ରେସ, ବିଜେପି ଏବଂ ଆମ୍ଆଦ୍‌ମୀ ପାର୍ଟି ପରେ ଦ୍ୱିତୀୟ ଥର ପାଇଁ ବିଜେପି ଶାସନ ଗାଦି ଅକ୍ତିଆର କରିଛି। ୧୯୫୦ ମସିହାରେ ଦେଶରେ ସମ୍ବିଧାନ ଲାଗୁହେଲା ଓ ସେତେବେଳେ ଦିଲ୍ଲୀକୁ 'ଗ' ବର୍ଗର ରାଜ୍ୟ ତାଲିକାରେ କେନ୍ଦ୍ରଶାସିତ ପ୍ରଦେଶ ଭାବରେ ସାମିଲ କରାଯାଇଥିଲା। ସେତେବେଳେ ୪୮ ଆସନ ବିଶିଷ୍ଟ ଏକ ବିଧାନସଭା ଗଠନ ପାଇଁ ସଂସଦରେ ଷ୍ଟେଟଆକ୍ଟ ୧୯୫୧ ଗୃହୀତ କରାଗଲା। ଏହି ଆଇନ୍ ଅନୁସାରେ ଲୋକସଭା ନିର୍ବାଚନ ସହ ଦିଲ୍ଲୀ ବିଧାନସଭା ପାଇଁ ୧୯୫୧-୫୨ ମସିହାରେ ନିର୍ବାଚନ କରାଯାଇଥିଲା। ନିର୍ବାଚନରେ କଂଗ୍ରେସକୁ ୩୯ଟି ଆସନ ମିଳିଥିବା ବେଳେ ଜନସଂଘ (ବିଜେପିର ପୂର୍ବ)କୁ ୫ଟି ଆସନ ମିଳିଥିଲା ଓ ସୋସାଲିଷ୍ଟ ପାର୍ଟିକୁ ୨ଟି ଆସନ ମିଳିଥିଲା। ୧୯୫୨ ମସିହା ମାର୍ଚ୍ଚ ୧୭ତାରିଖରେ କଂଗ୍ରେସର ୩୪ ବର୍ଷୀୟ ବ୍ରହ୍ମ ପ୍ରକାଶ ମୁଖ୍ୟମନ୍ତ୍ରୀ ହେଲେ। ପ୍ରାରମ୍ଭରେ କି଼ୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ସିମୀତ କ୍ଷମତା ଦିଆଯାଇଥିଲା। ଦିଲ୍ଲୀର ପ୍ରଥମ ମୁଖ୍ୟମନ୍ତ୍ରୀଙ୍କ ସମୟରୁ ଉପରାଜ୍ୟପାଳ-ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଚାଲିଥିବା ବିବାଦ (ମତଭେଦ) ଏଯାଏଁ ଚାଲିଛି। ଉପରାଜ୍ୟପାଳଙ୍କ ସହ ବିବାଦ ଓ ରାଜନୈତିକ ବିପରିତ ପରିସ୍ଥିତି କାରଣରୁ ୧୯୫୫ ଫେବୃୟାରୀ ୧୨ ତାରିଖରେ ବ୍ରହ୍ମପ୍ରକାଶ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ବ୍ରହ୍ମପ୍ରକାଶଙ୍କ ଇସ୍ତଫାପରେ ଗୁରୁମୁଖ ନିହାଲ ସିଂହ ତାଙ୍କ ପଦରେ ଅଧିଷ୍ଠିତ ହୋଇଥିଲେ। ୧୯୫୫ ଫେବୃୟାରୀ ୧୨ ତାରିଖଠାରୁ ୧୯୫୬ ମସିହା ନଭେମ୍ବର ୧ ତାରିଖ ପର୍ଯ୍ୟ' ସେ ମୁଖ୍ୟମନ୍ତ୍ରୀ ଭାବେ ରହିଥିଲେ।

ମୁଖ୍ୟମନ୍ତ୍ରୀ ଓ ଉପ-ରାଜ୍ୟପାଳଙ୍କ ମଧ୍ୟରେ ବିବାଦକୁ ଦୃଷ୍ଟିରେ ରଖି ଫଜଲ ଅଲ୍ଲୀଙ୍କ ନେତୃତ୍ୱରେ ରାଜ୍ୟ ପୁନର୍ଗଠନ କମିଶନ ଗଠନ କରାଯାଇଥିଲା ଓ କମିଶନ ରାଜ୍ୟ ସରକାର ବଦଳରେ ସ୍ଥାନୀୟ ପ୍ରଶାସନ ବ୍ୟବସ୍ଥା ପାଇଁ ପରାମର୍ଶ ଦେଇଥିଲେ। ୧୯୫୬ ମସିହା ନଭେମ୍ବର ମାସ ୧ ତାରିଖରେ ଦିଲ୍ଲୀକୁ ଦିଆଯାଇଥିବା 'ଗ' ବର୍ଗର ରାଜ୍ୟ ତାଲିକାକୁ ରଦ୍ଦ କରାଗଲା ଏବଂ ଦିଲ୍ଲୀର ବିଧାନସଭା ଏବଂ ମୁଖ୍ୟମନ୍ତ୍ରୀ ପଦକୁ ସମାପ୍ତ କରିଦିଆଗଲା। ଏଣୁ ଦିଲ୍ଲୀ ରାଷ୍ଟ୍ରପତିଙ୍କ ଅଧିନସ୍ଥ କେନ୍ଦ୍ରଶାସିତ ପ୍ରଦେଶରେ ପରିଣତ ହୋଇଗଲା। ଏହି ନିଷ୍ପତ୍ତିକୁ ଦିଲ୍ଲୀର ଜନସାଧାରଣ ବିରୋଧ କରିବା ପରେ ଦିଲ୍ଲୀରେ ମୁନିସିପାଲ କର୍ପୋରେସନ ଆକ୍ଟ ୧୯୫୭ ଲାଗୁ କରାଗଲା ଓ ଦିଲ୍ଲୀରେ ନଗର ନିଗମ ପ୍ରତିଷ୍ଠା କରାଗଲା। କି଼ୁ ଦିଲ୍ଲୀର ଲୋକେ ଏତିକିରେ ସ'ୁଷ୍ଟ ହୋଇ ନଥିଲେ। ଦିଲ୍ଲୀକୁ ପୁର୍ଣ୍ଣରାଜ୍ୟର ମାନ୍ୟତା ଦିଆଯିବା ପାଇଁ ଦାବି ଉଠିଥିଲା। ଏଣୁ ୧୯୬୬ ମସିହାରେ ଦିଲ୍ଲୀ ପ୍ରଶାସନିକ ଆକ୍ଟ ଲାଗୁ କରାଗଲା ଓ ଦିଲ୍ଲୀ ବିଧାନସଭା ପରିବର୍ତ୍ତେ ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କ ଅଧିନରେ ଏକ ମେଟ୍ରୋପଲିଟନ କାଉନସିଲ ଗଠନ କରାଯିବା ପାଇଁ ନିଷ୍ପତ୍ତି ନିଆଗଲା। ଲେଫ୍ଟନାଣ୍ଟ ଗଭର୍ଣ୍ଣର/ ଉପରାଜ୍ୟପାଳଙ୍କ ମାଧ୍ୟମରେ ଦିଲ୍ଲୀ ଉପରେ ସେବେଠାରୁ କେନ୍ଦ୍ର ସରକାରଙ୍କ ସିଧାସଳଖ ନିୟନ୍ତ୍ରଣ ରହିଲା। ମେଟ୍ରୋପଲିଟନ କାଉନସିଲରେ ୫୬ ଜଣ ସଦସ୍ୟ ରହୁଥିଲେ ଓ ୫ଜଣ ସଦସ୍ୟଙ୍କୁ ରାଷ୍ଟ୍ରପତି ନିର୍ବାଚିତ କରୁଥିଲେ। କାଉନସିଲ ମୁଖ୍ୟଙ୍କୁ ଚିଫ ଏକ୍‌ଜିକ୍ୟୁଟିଭ କାଉନସିଲର କୁହାଯାଉଥିଲା। ୧୯୬୬ ରୁ ୧୯୬୭ ପର୍ଯ୍ୟ' ସଂସଦରେ ଗୃହୀତ ପ୍ରସ୍ତାବ ଅନୁସାରେ ମୀର ମୁସ୍ତାକ ଅହମଦଙ୍କୁ ଏହାର ମଧ୍ୟବର୍ତ୍ତୀ କାଳୀନ ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଥିଲା। ୧୯୬୭ ରେ ମେଟ୍ରୋପଲିଟନ କାଉନସିଲର ପ୍ରଥମ ନିର୍ବାଚନ ହେଲା। ଏହି ନିର୍ବାଚନରେ ଜନସଂଘକୁ ୩୩ ଆସନ ମିଳିଥିଲା ଓ ପ୍ରଫେସର ବିଜୟ କୁମାର ମାଲହୋତ୍ରା ଚିଫ ଏକଜିକ୍ୟୁଟିଭକାଉନସିଲର ହୋଇଥିଲେ ଓ ଲାଲକୃଷ୍ଣ ଆଡ଼ଭାନୀ କାଉନସିଲ ର ଚେୟାରମ୍ୟାନ ହୋଇଥିଲେ।

୧୯୭୨ ମସିହାରେ ମେଟ୍ରୋପଲିଟନ କାଉନସିଲର ନିର୍ବାଚନ ହୋଇଥିଲା ଓ କଂଗ୍ରେସ ୪୪ଟି ସ୍ଥାନରେ ଜିତିବା କାରଣରୁ ରାଧାରମଣ ଚିଫ ଏକଜିକ୍ୟୁଟିଭ କାଉନସିଲର ହୋଇଥିଲେ। ପରେ ୧୯୭୭ରେ ଜନତା ପାର୍ଟି ଏହି କାଉନସିଲ ନିର୍ବାଚନରେ ୪୬ଟି ସ୍ଥାନରେ ଜିତିବା ପରେ କେଦାରନାଥ ସାହାଣି ଚିଫ ଏକ୍‌ଜିକ୍ୟୁଟିଭ କାଉନସିଲର ହୋଇଥିଲେ। ୧୯୮୩ରେ ଏହି କାଉନସିଲର ଶେଷ ନିର୍ବାଚନରେ କଂଗ୍ରେସ ୩୪ଟି ସ୍ଥାନରେ (ଆସନ) ଜିତିଥିଲା ଓ ଜଗପ୍ରକାଶ ଚନ୍ଦ୍ର ଚିଫ୍ ଏକଜିକ୍ୟୁଟିଭ କାଉନସିଲର ହୋଇଥିଲେ। ୧୯୯୦ ମସିହା ପର୍ଯ୍ୟ' ଜଗ ପ୍ରବେଶ ଚନ୍ଦ୍ର ଏହି ପଦରେ ରହିଥିଲେ। ସମ୍ବିଧାନର ଅନୁଛେଦ ୨୩୯ ଏବଂ ୧୯୯୧ କ୍ୟାପିଟାଲ ଟେରିଟୋରି ଅଫ ଦିଲ୍ଲୀ ଆକ୍ଟ ଅନୁସାରେ ଦିଲ୍ଲୀ ବିଧାନ ସଭାରେ



ଗୋପାଳ ମହାପାତ୍ର

୭୦ଟି ଆସନ ପାଇଁ ବ୍ୟବସ୍ଥା କରାଗଲା ଏବଂ ୧୯୯୩ରେ ବିଧାନସଭା ପାଇଁ ନିର୍ବାଚନ ହେଲା। ନିର୍ବାଚନରେ ବିଜେପି ୪୯ ବିଧାନସଭା ଆସନରେ ଜିତିଥିଲା। ୧୯୯୩ ଡିସେମ୍ବର ୨ ତାରିଖରେ ମଦନ ଲାଲ ଖୁରାନା ବିଧାନସଭା ଗଠନ ପରେ ପ୍ରଥମ ମୁଖ୍ୟ ମନ୍ତ୍ରୀ ହୋଇଥିଲେ। ମଦନ ଲାଲ ଖୁରାନା ମୁଖ୍ୟମନ୍ତ୍ରୀ ହେଲେ କି଼ୁ ଦଳରେ କନ୍ଦଳ ଆରମ୍ଭ ହୋଇଯାଇଥିଲା। ଅନ୍ୟ ପକ୍ଷରେ ୧୯୯୫ ରେ ହାୱାଲା ମାମଲାର ଉଜାଗର ହେବା ପରେ ସେଥିରେ ଲାଲ କୃଷ୍ଣ ଆଡ଼ଭାନୀଙ୍କ ସମେତ ଅନେକ ନେତାଙ୍କ ସଂପୃକ୍ତି ବାବଦରେ ଜଣାପଡିଲା। ମଦନଲାଲ ଖୁରାନାଙ୍କ ନାମ ମଧ୍ୟ ତାଲିକାରେ ଥିଲା। ଏଣୁ ଖୁରାନାଙ୍କୁ ଇସ୍ତଫା ଦେବାକୁ ପଡିଥିଲା। ୧୯୯୮ ମସିହା ଅକ୍ଟୋବର ୧୨ ତାରିଖରେ ନିର୍ବାଚନର କିଛି ଦିନ ପୁର୍ବରୁ ସୁଷମା ସ୍ୱରାଜ ମୁଖ୍ୟମନ୍ତ୍ରୀ ହୋଇଥିଲେ। ନିର୍ବାଚନରେ କଂଗ୍ରେସ ସଂଖ୍ୟା ଗରିଷ୍ଠ ହେଲା ଓ ଶୀଲା ଦୀକ୍ଷିତ ମୁଖ୍ୟମନ୍ତ୍ରୀ ହେଲେ। ୧୯୯୩ରେ ୪୯ ଆସନରେ ଜିତିଥିବା ବିଜେପିକୁ ମାତ୍ର ୧୫ଟି ଆସନ ମିଳିଥିଲା। ୧୯୯୮ ମସିହା ଡିସେମ୍ବର ୩ ତାରିଖରେ ଶୀଲାଦୀକ୍ଷିତ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ ଓ ୧୫ ବର୍ଷ ପର୍ଯ୍ୟ' ମୁଖ୍ୟମନ୍ତ୍ରୀ ରହିଥିଲେ। ତାଙ୍କ ଶାସନ କାଳରେ ଦିଲ୍ଲୀର ଫ୍ଲାଇଓଭର ନିର୍ମାଣ କରାଯାଇଥିଲା। ଦିଲ୍ଲୀରେ ମେଟ୍ରୋର ଶୁଭାରମ୍ଭ ହୋଇଥିଲା। ସଡ଼କ ବ୍ୟବସ୍ଥା ସୁଧୁରିବା ସହ ଦିଲ୍ଲୀରେ ସିଏନ୍‌ଜି ଗାଡିର ଚଳାଚଳ ଆରମ୍ଭ ହୋଇଥିଲା।

୨୦୧୨ରେ ଆନ୍ନା ହଜାରେଙ୍କ ଆନ୍ଦୋଳନରୁ ଆମ୍ ଆଦ୍‌ମୀ ପାର୍ଟିର ସୃଷ୍ଟି ହୋଇଥିଲା। ୨୦୧୩ରେ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଶୀଲା ଦୀକ୍ଷିତ (କଂଗ୍ରେସ) ହାରିଯାଇଥିଲେ ଏବଂ ୧୫ ବର୍ଷର କଂଗ୍ରେସ ଶାସନର ଅ' ଘଟିଥିଲା। ୨୦୧୩ ର ନିର୍ବାଚନରେ ଆମ୍ଆଦ୍‌ମୀ ପାର୍ଟି ୨୮ଟି ଆସନରେ ଜିତିଥିଲା ଓ ବିଜେପି ୩୨ଟି ଆସନରେ ଜିତିଥିଲା। କି଼ୁ ୮ଟି ଆସନରେ ଜିତିଥିବା କଂଗ୍ରେସ ଆମ୍ଆଦମୀ ପାର୍ଟିକୁ ସମର୍ଥନ କରିବାରୁ ଆମ୍ଆଦ୍‌ମୀ ପାର୍ଟି ସରକାର ଗଠନ କଲା ଓ ଅରବିନ୍ଦ କେଜରିଓ୍ୱାଲ ମୁଖ୍ୟମନ୍ତ୍ରୀ ହେଲେ। କି଼ୁ କଂଗ୍ରେସ ବିରୁଦ୍ଧରେ କେତେକ ଅଭିଯୋଗ ଆଣି ୨୦୧୪ ଫେବୃୟାରୀ ମାସ ୧୪ ତାରିଖରେ ସେ ଇସ୍ତଫା ଦେଇଥିଲେ। ୨୦୧୪ ମସିହା ଫେବୃୟାରୀ ୧୫ ତାରିଖ ଠାରୁ ୨୦୧୫ ମସିହା ଫେବୃୟାରୀ ୧୩ ତାରିଖ ପର୍ଯ୍ୟ' ଦିଲ୍ଲୀରେ ରାଷ୍ଟ୍ରପତି ଶାସନ ରହିଲା। ତାପରେ ୨୦୧୫ର ନିର୍ବାଚନ ଓ ୨୦୨୦ ର ନିର୍ବାଚନରେ ଆମ୍ଆଦ୍‌ମୀ ପାର୍ଟି ସଂଖ୍ୟାଗରିଷ୍ଠ ହୋଇ ସରକାର ଗଠନ କରିଥିଲେ। ଦିଲ୍ଲୀର ମଦ ଦୁର୍ନୀତି ଘଟଣାରେ ଅରବିନ୍ଦ କେଜରୀଓ୍ୱାଲ ଜେଲ ଯାଇଥିଲେ ଓ ୨୦୨୪ ସେପ୍ଟେମ୍ବର ୨୧ ତାରିଖଠାରୁ ୧୪୨ଦିନ ଆତିଶି ମାର୍ଲେନା ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୨୫ ଫେବୃୟାରୀ ୫ରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହୋଇଥିଲା ଓ ବିଜେପି ସଂଖ୍ୟାଗରିଷ୍ଠତା ହାସଲ କରି ଏବେ ସରକାର ଗଠନ କରିଛି।

*ରାମଚନ୍ଦ୍ରପୁର, ରଣପୁର*
*ମୋ ୯୪୩୮୪୮୫୦୯୪*

# ଓଳକଣା ମେଳଣ ଓ ଓଁକାର କ୍ଷେତ୍ରର ରତ୍ନବଟ

ଓଁକାର କ୍ଷେତ୍ର ଓଳକଣାରେ ସନ୍ଥ ଅରକ୍ଷିତ ଦାସ ଓଁକାର ସାଧନା କରି ସିଦ୍ଧି ପ୍ରାପ୍ତି ହୋଇ ଥିବାରୁ ଏହି ଗ୍ରାମଟିକୁ ଓଳକଣା ନାମରେ ନାମିତ କରିଥିବା କିମ୍ବଦନ୍ତୀ କୁହେ। ଏହି ଓଁକାରକ୍ଷେତ୍ର ପଡ଼ିଆଟି ଏକ ତ୍ରିକୋଣାକାର ଭୂମି ଅଟେ। ପଡ଼ିଆକୁ ପ୍ରବେଶ କରିବାକୁ ତିନିଗୋଟି ଦ୍ୱାର ରହିଛି। ହରିହର ମିଳନ କ୍ଷେତ୍ର ହୋଇଥିବା ଦୃଷ୍ଟିରୁ, ତିନି ଦ୍ୱାରରେ ହରିଙ୍କ ବାହନ ଗରୁଡ଼ ଏବଂ ଶିବଙ୍କ ବାହାନ ବୃଷଭ, ତିନି ପ୍ରବେଶ ଦ୍ୱାରରେସ୍ତମ୍ଭ ମାନଙ୍କରେ ବିଦ୍ୟମାନ ହୋଇ ପଡ଼ିଆକୁ ଜଗି ରହିଛନ୍ତି। ମେଳଣ ସମୟରେ ବିମାନମାନେ ଉକ୍ତ ଦ୍ୱାର ଦେଇ ମେଳଣ ପଡ଼ିଆକୁ ପ୍ରବେଶ କରିଥାନ୍ତି। ପଡ଼ିଆର ପୂର୍ବପଟରେ ଅତୀତରେ ଗୋଟିଏ ନଦୀ ପ୍ରବାହିତ ହେଉଥିଲା। ଉକ୍ତ ନଦୀର ନାମ ସୁବଳୟା ନଦୀ ବୋଲି, କିମ୍ବଦନ୍ତୀ ବା ଜନସ୍ମୃତିରେ ଶୁଣିବାକୁ ମିଳେ। ଉକ୍ତ ନଦୀଟି ଲୁଣାନଦୀର ଏକଧାର ବୋଲି କୁହାଯାଏ। ନଦୀ ଯେଉଁ ବାଟରେ ବହୁଥିଲା, ଏବେ ବି ସେହି ସ୍ଥାନ ମାନଙ୍କର ବିଭିନ୍ନ ବଡ଼ ବଡ଼ ଗଣ୍ଡ ଗୁନିକ ପୋଖରୀ ଭାବେ ରହିଅଛି। ପଞ୍ଚସଖାମାନେ ମିଳିତ ଭାବେ ଉକ୍ତ ପଡ଼ିଆର ପୂର୍ବ ଓ ଦକ୍ଷୀଣ ଭାଗର ଅଗ୍ନିକୋଣରେ ଏକ ବିଶ୍ୱଶାନ୍ତି ଯଜ୍ଞ ଆରମ୍ଭ କରିବା ସମୟରେ ରାଜ ବାଧା କାରଣରୁ ଯଜ୍ଞଟି ଅସମ୍ପୂର୍ଣ୍ଣ ରହିବାରୁ, ପୋତି ଦେଇ ସେହି ସ୍ଥାନରେ ଏକ ବଟ ବୃକ୍ଷ ରୋପଣ କରି ତାର ନାମ ରତ୍ନବଟ ନାମରେ ନାମିତି କରି ଚାଲିଯାଇଥିଲେ। ସେହି ଦିନ ଠାରୁ ସ୍ଥାନୀୟ ଓ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁ ଭକ୍ତମାନେ ରତ୍ନବଟଙ୍କୁ ପୂଜାପାଠ କରି ଆସୁଥିଲେ। ଯେଉଁ ଶ୍ରଦ୍ଧାଳୁ ଭକ୍ତମାନେ ସେହି ରତ୍ନବଟ ନିକଟରେ କୌଣସି ମାନସିକ କରି ଗୁଆ ବସାଉଥିଲେ, ସେମାନଙ୍କର ମାନସିକ ପୂରଣ ହେବାପରେ, ରତ୍ନବଟ ମୂଳରେ ଦୁଗ୍ଧ ଢ଼ାଳି ପୂଜାର୍ଚ୍ଚନା କରୁଥିଲେ। ରତ୍ନବଟ ମୂଳରେ ପ୍ରାୟତଃ ସନ୍ଧ୍ୟା ଓ ରାତ୍ରରେ ମନମୁଗ୍ଧକର ବାସ୍ନା ଭାସିଆସେ। ଆଜକୁ ହାରାହାରି ୬୫ ବର୍ଷ ତଳର ଏକ ଘଟଣା। ଓଳକଣା ଗ୍ରାମର ଦୁର୍ଗାଚରଣ ପାତ୍ର ନାମକ ଜଣେ ବ୍ୟକ୍ତି କୁଷ୍ଠରୋଗାକ୍ରାନ୍ତ ହେବାରୁ ତାଙ୍କ ପରିବାରବର୍ଗ ଘୃଣା କରି ତାଙ୍କୁ ଅର୍ଦ୍ଧ ରାତ୍ରରେ ଜବରଦସ୍ତ ଘରୁ ତଡ଼ି ବାହାର କରିଦେଲେ। ବୃଦ୍ଧାବସ୍ଥା ହେତୁ ସେ ଚଳ ପ୍ରଚଳ କରିବାକୁ ବି ଅକ୍ଷମ ହୋଇଥିବାରୁ ନିରୁପାୟ ହୋଇ ସେହି ରତ୍ନବଟ ମୂଳରେ ଖରାବର୍ଷାରେ ପଡ଼ିରହି ଦିନରାତି ଅଚ୍ୟୁତାନନ୍ଦ ଦାସଙ୍କ ଭଜନ ଜଣାଣ ଓ ଭବିଷ୍ୟ ମାଳିକାମାନ ଗାନ କରି ରତ୍ନବଟ ତଳେ ପଡ଼ିରହିଲେ। ମୋତେ ସେତେବେଳକୁ ୧୦ କିମ୍ବା ୧୨ ବର୍ଷ ହେବ। ଆମେ ପିଲାମାନେ ସବୁ ବେଳେ ତାଙ୍କ ପାଖରେ ଉଠାବସା କରୁଥାଉ। ଦିନେ ନିଶାର୍ଦ୍ଧରେ ତାକୁ ସ୍ୱପ୍ନାଦେଶ ହେଲା ଯେ, ତୁ ଅଳ୍ପ ଦିନରେ କୁଷ୍ଠରୋଗରୁ ଆରୋଗ୍ୟ ଲାଭ କରିବୁ। ତୋତେ ଏହି ଓଁକାର କ୍ଷେତ୍ରର ତୁ ପ୍ରଚାର ପ୍ରସାର କରିବୁ। ତୋର ହୁକୁମ ଦ୍ୱାରା ଅସାଧ ରୋଗ ବି ଦୂର ହୋଇଯିବ। ହଠାତ୍ ଦିନେ ଦୁଇଜଣ ଅଚିହ୍ନା ପୁରୁଷ ଓ ସ୍ତ୍ରୀଲୋକ ତାଙ୍କ ନିକଟରେ ପହଞ୍ଚି ତାଙ୍କର ସେବା ଶୁଶ୍ରୁସା କରିବା ଫଳରେ କିଛି ଦିନ ମଧ୍ୟରେ ସେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ହୁକୁମ ଦେବା ଆରମ୍ଭ କରିଦେଲେ। ଯାହାକୁ ଯାହା କହିଲେ ତାହା ହିଁ ଘଟିଲା। ସେତେବେଳେ ସୁଦୂର ପାରାଦ୍ୱୀପ ଠାରୁ ଦୈତାରୀ ପର୍ଯ୍ୟନ୍ତ ପ୍ରତିଦିନ ଶହ ଶହ ଲୋକଙ୍କ ଭିଡ଼ ଲାଗେ। ଦୁର୍ଗାଚରଣ ପାତ୍ରରୁ ଦୁର୍ଗାଚରଣ ଦାସଙ୍କ ମହିମା ବିଜୁଳି ବେଗରେ ଚାରିଆଡ଼େ ପ୍ରଚାରିତ ହୁଏ। ବାବାଙ୍କ ହୁକୁମ ଦ୍ୱାରା ରୋଗୀଙ୍କ ଦେହରେ ହାତ ମାରିଦେବା ମାତ୍ରେ ଜଟିଳ ରୋଗରୁ ଆରୋଗ୍ୟ ଲାଭ କରିବାର ଅନେକ ପ୍ରତ୍ୟକ୍ଷଦର୍ଶୀ ରହିଛନ୍ତି। ଯେଉଁ ଶ୍ରଦ୍ଧାଳୁ ଅର୍ଥଦାନ କରିବା ପାଇଁ ଚାହାଁନ୍ତି ବାବା ସେ ପଇସା ଛୁଅନ୍ତି ନାହିଁ। ତାହା ରତ୍ନବଟର ଉନ୍ନତି ଓ ପର୍ବପର୍ବାଣୀ ତଥା ମେଳା ମହୋତ୍ସବ ପାଇଁ ଖର୍ଚ୍ଚ ହୁଏ। ତେବେ ପ୍ରଚୁର ମାତ୍ରାରେ ଅର୍ଥର ଆଗମନ ଦେଖି ଧିରେ ଧିରେ ତାଙ୍କ ସ୍ତ୍ରୀ ଓ ଝିଅ ରାତିରେ ଅନ୍ୟମାନେ ଚାଲିଗଲା ପରେ ବାବାଙ୍କୁ ନିଜ ନିୟନ୍ତ୍ରଣକୁ ନେଇ ସମସ୍ତ ଅର୍ଥ କରାୟତ କରିନେଲେ।



ବଟକୃଷ୍ଣ ସାମଲ

ଲୁଚାଛପାରେ ଚାଲିଥିବାରୁ ଏହା ପ୍ରଘଟ ନହୋଇପାରିବାରୁ ତାଙ୍କ ସ୍ତ୍ରୀ ଓ ଝିଅ ନିର୍ଭୟରେ ବାବାଙ୍କୁ ସକାଳେ ଘରକୁ ନେଇ ସନ୍ଧ୍ୟାରେ ତାଙ୍କୁ ଘରୁ ଆଣି ରତ୍ନବଟରେ ଛାଡ଼ିଦେଇ ଯାଆନ୍ତି। ମଝିରେ ମଝିରେ ଦୁର୍ଗାବାବା ନିଜ ଘରେ ରାତ୍ରି ଯାପନ କରିବାକୁ ବି ଲାଗିଲେ ଯାହାଦ୍ୱାରା ଈଶ୍ୱରଙ୍କ ଠାରୁ ପ୍ରାପ୍ତ ଆଲୌକିକ ଶକ୍ତି ଧିରେ ଧିରେ ଲୋପ ହୋଇଗଲା। ବାବାଙ୍କ ପାଖକୁ ଆଉ କେହି ଆସିଲେ ନାହିଁ। ଦୁର୍ଗାଚରଣ ପାତ୍ରରୁ ଅଲୌକିକ ଶକ୍ତିର ଅଧିକାରୀ ଦୁର୍ଗାବାବା ପୁର୍ନମୂଷିକ ପାଲଟି ପୁର୍ନବାର ଦୁର୍ଗାପାତ୍ର ହୋଇ କିଛିଦିନ ପରେ ତାଙ୍କର ଦେହାନ୍ତ ହୋଇଗଲା। କିନ୍ତୁ ରତ୍ନବଟ ନିକଟରେ ଭକ୍ତମାନଙ୍କ ଦ୍ୱାରା ନିତିଦିନ ପୂଜାପାଠ କରାଯାଉଥାଏ। ୧୯୯୯ ମହାବାତ୍ୟାରେ ଉକ୍ତ ରତ୍ନବଟ ମଝିରୁ ଦୁଇଫାଳ ହୋଇଗଲା। ଗୋଟିଏ ପଟ ଜୀବନ୍ତ ରହିଲା ଅନ୍ୟ ପଟଟି ଭାଙ୍ଗି ଶୁଖିଲା ହୋଇ ମରିଗଲା। ୨୦୦୦ ମସିହାରେ ଜଣେ ଅଚିହ୍ନା ଦୀର୍ଘକାୟ ବଳିଷ୍ଠ ଦିବ୍ୟ ପୁରୁଷ ବିଶାଳ ବାହୁ ବଳିଷ୍ଠ ଚେହେରା ସମ୍ପନ୍ନ ବ୍ୟକ୍ତି ଉକ୍ତ ମେଳଣ ପଡ଼ିଆରେ ଗ୍ରାମବାସୀଙ୍କୁ ଡକାଇ କହିଲେ - 'ମୁଁ ପ୍ରଭୁଙ୍କ ନିର୍ଦ୍ଦେଶରେ ଆସିଛି, ମୁଁ ଉକ୍ତ ସ୍ଥାନରେ ଏକ ଯଜ୍ଞ ଅନୁଷ୍ଠାନ କରି ଅସମ୍ପୂର୍ଣ୍ଣ ଯଜ୍ଞକୁ ସମ୍ପୂର୍ଣ୍ଣ କରିବି। ଏବଂ ଏହି ବୃକ୍ଷକୁ ସମ୍ପୂର୍ଣ୍ଣ ଭାବେ ଉକ୍ତ ଯଜ୍ଞକୁଣ୍ଡରେ ଆହୁତି ଦିଆଯିବ। ଗ୍ରାମବାସୀମାନେ ବଟବୃକ୍ଷଟିକୁ ଯଜ୍ଞ କୁଣ୍ଡରେ ଆହୁତି ଦେବା ପାଇଁ ବିରୋଧ କରିବାରୁ ସେ କହିଲେ ୨୦୦୦ ମସିହାରେ ଯଜ୍ଞ ନିଶ୍ଚିନ୍ତ ହେବ ଏହାକୁ କେହି ଅଟକାଇ ପାରିବେ ନାହିଁ। ଆମେ ତାଙ୍କୁ ସ୍ୱପ୍ନନିର୍ଦ୍ଦେଶ ସମ୍ପର୍କରେ ପ୍ରମାଣ ମାଗିଲୁ। ପରେ ବହୁ ବାଦାନୁବାଦ ସୃଷ୍ଟି ହେଲା ଓ ସତ୍ୟାସତ୍ୟ ପ୍ରମାଣ ପାଇଁ କାକଟପୁରର ପଣ୍ଡିତ ଅମରେଶ୍ୱର ମିଶ୍ରଙ୍କ ଶୂନ୍ୟପୋଥିକୁ ପ୍ରଶ୍ନ କରାଯିବା ପାଇଁ କାର୍ଯ୍ୟକ୍ରମ ସ୍ଥିର ହେଲା। ଗ୍ରାମବାସୀମାନେ ଦାୟିତ୍ୱ ଦେବା ପରେ ମୁଁ ଓ ଅନ୍ୟ ତିନିଜଣ ଗ୍ରାମବାସୀ ପରଦିନ କାକଟପୁର ଯାଇ ଶୂନ୍ୟପୋଥିକୁ ପ୍ରଶ୍ନ କରିବାରୁ ସମ୍ପୃକ୍ତ ମହାଶୟ ଆମ ମାନଙ୍କୁ କୌଣସି ପ୍ରଶ୍ନ କରିବାକୁ ନ ଦେଇ ଆମ୍ଭ ମାନଙ୍କ ଭିତରୁ ସ୍ୱର୍ଗତ ବଂଶୀଧର ପୃଷ୍ଟିଙ୍କୁ ଏକ ଖଡ଼ି ଦେଇ ଏହାକୁ ପୋଥି ଉପରେ ରଖିବାକୁ କହିଲେ। ଖଡ଼ିଟି ରଖିବା ପରେ ସେ ପୋଥିଟିକୁ ଦୁଇଭାଗ କରିଦେଲେ ଓ ପାଲି ଭାଷାରେ ଅନର୍ଗଳ ପଢ଼ି ଆମ୍ଭ ମାନଙ୍କୁ ଓଡ଼ିଆରେ ବୁଝାଇଲେ। ସେ ଯାହା କହିଲେ ତାହା ହେଉଛି ସେ ସ୍ଥାନ ଏକ ସାଧନା ପୀଠ, ଓଁକାର କ୍ଷେତ୍ର ସାଧୁ ସନ୍ଥ ମାନଙ୍କ ତପଭୂମି ଏବଂ ତ୍ରିକୋଣ କ୍ଷେତ୍ର ପଡ଼ିଆ ଦେବାଦେବୀ ମାନଙ୍କ ବାସସ୍ଥଳୀ ଅଟେ। ସେଠାରେ ପଞ୍ଚଶାଖା ଏକ ଯଜ୍ଞ ଅନୁଷ୍ଠିତ କରି ରାଜା ବାଧା ଯୋଗୁଁ ଅସମ୍ପୂର୍ଣ୍ଣ କରି ଛାଡ଼ି ଦେଇ ଯାଇ ସେଠାରେ ଏକ ବଟବୃକ୍ଷ ରୋପଣ କରି ଯାଇଛନ୍ତି। ତାଙ୍କୁ ପ୍ରଶ୍ନ କରାଯାଇଥିଲା ଯେ ଯଜ୍ଞ କିଏ କରାଇବେ ? ସେ ପୋଥିପଢ଼ି ଉତ୍ତର ଦେଇଥିଲେ ସ୍ୱୟଂ ଅନନ୍ତ ଦେବ ଯଜ୍ଞ କାର୍ଯ୍ୟକୁ ସମାପନ କରିବେ। ପରେ ସେ ଆମକୁ ଯଜ୍ଞନିମିତ୍ତ ତାରିଖ ସମ୍ପୂର୍ଣ୍ଣ ଦେଇଥିଲେ। ପରେ ଆମେ ଯଜ୍ଞପାଇଁ ଆୟୋଜନରେ ଲାଗିପଡ଼ିଲୁ। ଉକ୍ତ ବିରାଟକାୟ ବଟବୃକ୍ଷକୁ ହାଣିବାକୁ ଗ୍ରାମବାସୀମାନେ ଭୟ କଲେ। ତେବେ ଉକ୍ତ ଦିବ୍ୟ ପୁରୁଷ ଯାହାଙ୍କୁ ତାଙ୍କ ଅନୁଗାମୀମାନେ ଭାଇନା ଡାକନ୍ତି ସେ ନିଜେ ଉକ୍ତ ବୃକ୍ଷକୁ ଦୁଇ ତିନିଦିନ ମଧ୍ୟରେ ପ୍ରାୟ ଏକ ଚତୁର୍ଥାଂଶ ହାଣିଦେଇଥିଲେ। ପରେ ଗ୍ରାମର କାଠ କଟାଳିମାନେ ସହଯୋଗ କରିଥିଲେ।

ଆଶ୍ଚର୍ଯ୍ୟଜନକ ଭାବେ ସମସ୍ତଙ୍କୁ ଚକିତ କଲାଭଳି କୁଣ୍ଡତଳୁ ମାଟି ଦୀପ ବାହାରିଲା। ଏହାସହ ମାଟିର କଳସ, ସରା, ଘିଅ ରଖାଯିବା ପାତ୍ର ଓ ଅନେକ ପରିମାଣର ଅଧାପୋଡ଼ା କାଠ ଓ ପୋଡ଼ା ଅଙ୍ଗାର ମଧ୍ୟ ବାହାରିଲା। ଯାହାଦ୍ୱାରା ସ୍ପଷ୍ଟ ପ୍ରମାଣିତ ହେଲା ଯେ ଉକ୍ତି ବଟବୃକ୍ଷ ମୂଳର ପୂର୍ବରୁ ନିଶ୍ଚିନ୍ତ ଭାବେ ଯଜ୍ଞ ଅନୁଷ୍ଠାନ ସମ୍ଭବ ହୋଇଛି। ସାତଦିନ ବ୍ୟାପୀ ବିରାଟ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗନ ହୋଇଥିଲା। ଉକ୍ତ ବଟବୃକ୍ଷ ବିରାଟ ଦ୍ରୁମରେ ପରିଣତ ହେବା ସଙ୍ଗେ ସଙ୍ଗେ ପୂର୍ବବତ ରତ୍ନବଟ ନାମରେ ପୂଜିତ ହୋଇଆସୁଛି। ଏହି ଘଟଣାବଳୀରୁ ସ୍ପଷ୍ଟ ଏହା ଯେ ଏହି ସ୍ଥାନ ଓଁକାର କ୍ଷେତ୍ର ଓ ଓଳକଣା ମେଳଣ ପଡ଼ିଆ ହେଉଛି ଏକ ଦେବସ୍ଥଳୀ ଓ ମହାନ ଆଧ୍ୟାତ୍ମିକ ପୀଠ। ଏହି କ୍ଷେତ୍ରର ସିଦ୍ଧି ଓ ମାହାତ୍ମ୍ୟ ଜାଣିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ସାଧୁସନ୍ଥ ଓ ଆଧ୍ୟାତ୍ମିକ ଶ୍ରଦ୍ଧାଳୁଙ୍କ ନିମନ୍ତ୍ରିତ ଆତୟାତ ହୋଇଥାଏ। ପଞ୍ଚଶାଖାଙ୍କ ଅସମ୍ପୂର୍ଣ୍ଣ ଯଜ୍ଞକୁ ସମ୍ପୂର୍ଣ୍ଣ କରାଇଥିବା ସେହି ମହାନ ସାଧକ ମୋର ପୂଜ୍ୟ ଭାଇନା ଆଉ ଏହି ଇହ ଧାମରେ ନାହାଁନ୍ତି। କିଛି ବର୍ଷ ତଳେ ସେ ଦେହତ୍ୟାଗ କରିସାରିଛନ୍ତି। ସମ୍ଭବତଃ ଏହି ଅସମ୍ପୂର୍ଣ୍ଣ ଯଜ୍ଞ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ତାଙ୍କୁ ଏକ ନିଶ୍ଚିନ୍ତ ଦିବ୍ୟ ନିର୍ଦ୍ଦେଶ ମିଳିଥିଲା। ପବିତ୍ର ଦୋଳଯାତ୍ରା ଓ ଓଳକଣା ମେଳଣ ଅବସରରେ ଭଗବାନ ଶ୍ରୀକୃଷ୍ଣ ସମସ୍ତଙ୍କୁ ଆନନ୍ଦ ଓ ଘରେ ଘରେ ସୁଖ ଶାନ୍ତି ପ୍ରଦାନ କରନ୍ତୁ ଏହା ହିଁ ମୋର ପ୍ରାର୍ଥନା।

*ଅରାଖଣ୍ଡ, ଓଳକଣା, ଡେରାବିଶ, କେନ୍ଦ୍ରାପଡ଼ା,*
*କଟକ, ଦୂରଭାଷ : ୯୪୩୯୧୭୫୫୨୯ / ୯୯୩୭୧୫୩୬୬୯*




# ଧାନ ଫସଲର କୀଟ ପରିଚାଳନା



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

କୃଷି ଓଡ଼ିଶାର ଅର୍ଥନୀତିର ମାପକାଠି ରୂପେ ବିବେଚନା କରାଯାଉଥିବା ବେଳେ ଏହାର ଜଳବାୟୁ ଅନୁସାରେ ଅଧିକାଂଶ ଲୋକ ଧାନ ଚାଷ ଉପରେ ନିର୍ଭରଶୀଳ। ମୁଖ୍ୟତଃ ୭୦ ଭାଗ ଲୋକ ଚାଷବାସ ଉପରେ ନିର୍ଭର କରନ୍ତି। ଓଡ଼ିଶାର ବିଭିନ୍ନ ଋତୁରେ ବିଭିନ୍ନ ଚାଷ କରାଯାଇଥିଲେ ହେଁ ଧାନ ମୁଖ୍ୟ ଚାଷ ଅଟେ। ମୁଖ୍ୟତଃ ଖରିଫ ଋତୁର ଆରମ୍ଭରେ ଧାନ ଚାଷ କରାଯାଇଥାଏ, ପରନ୍ତୁ ଧାନ ଚାଷର କେତେକ କ୍ଷତିକାରକ କୀଟ ଏହାର ଉତ୍ପାଦନରେ ହ୍ରାସ କରାଇଥାଏ। ବର୍ତ୍ତମାନ ସମୟରେ ଧାନ ଫସଲରେ କୀଟ ପରିଚାଳନା ଏକ ମୁଖ୍ୟ ଚିନ୍ତା ଭାବେ ଉଭା ହୋଇଛି। ତେବେ ଆସନ୍ତୁ ନଜର ପକେଇବା ଧାନ ଫସଲର ପ୍ରମୁଖ କୀଟମାନଙ୍କ ଉପରେ...



**ଚକଡା ପୋକ-** ଧାନ ର ଏକ ପ୍ରମୁଖ ଉତ୍ପାଦନ ହ୍ରାସକାରୀ କୀଟ ଭାବେ ଚକଡା ପୋକ ବେଶ ଜଣାଶୁଣା। କୃଷି ବିଜ୍ଞାନରେ ଏହାକୁ 'ବ୍ରାଉନ ପ୍ଲାଣ୍ଟ ହୋପର' ବୋଲି କୁହାଯାଏ। ତେବେ ଚକଡା ପୋକ ମୁଖ୍ୟତଃ ତିନୋଟି ସ୍ତର ଦେଇ ଗତି କରିଥାଏ-ଅଣ୍ଡା-ଅର୍ଭକ-ପୂର୍ଣ୍ଣାଙ୍ଗ କୀଟ। ପୂର୍ଣ୍ଣାଙ୍ଗ କୀଟ ଦେଖିବାକୁ ମାଟିଆ ରଙ୍ଗର ସ୍ତ୍ରୀ କୀଟଟି ୫ମି.ମି ଲମ୍ୱା ହୋଇଥିବା ବେଳେ ପୁରୁଷ କୀଟଟି ୪-୪.୫ ମି.ମି ଭିତରେ ଲମ୍ୱାଥାଏ। ପତ୍ର ର ମଝି ଭାଗରେ ଅଣ୍ଡା ଗୁଡିକ ଦେଖାଯାଏ (୨-୧୨) ଅଣ୍ଡା ଟି ଧଳା ଓ ବଙ୍କା ଆକୃତିର ହୋଇଥାଏ। ସମ୍ପୂର୍ଣ୍ଣ ଜୀବନ ଚକ୍ର ୧୮-୨୨ ଦିନ ଭିତରେ ଶେଷ ହୋଇଥାଏ।

ଲକ୍ଷଣ- ଏହାର ପୂର୍ଣ୍ଣାଙ୍ଗ କୀଟଟି ଗଛର ତଳ ଭାଗର ରସକୁ ଶୋଷି ଶୋଷି ଖାଇଯାଇଥାଏ। ଖାଇବା ସମୟରେ ଏହା ଏକ ବିଷାକ୍ତ ପଦାର୍ଥ ନିର୍ଗତ କରିଥାଏ। ଯାହା ଫଳରେ (ହୋପର ବର୍ନ) ଲକ୍ଷଣ ଦେଖାଯାଇଥାଏ। ପତ୍ର ଗୁଡ଼ିକ ହଳଦିଆ ପଡିଯିବା ସହିତ ଗୋଲାକୃତି ଆକାରରେ ଗଛ ଶୁଖିଯାଏ। ଏହା ଯେଉଁ ଧାନ ଗଛକୁ ଆକ୍ରମଣ କରିଥାଏ, ତାହାର କାଣ୍ଡ ଭାଗ ଶୁଖିଯାଏ ଓ ଏହା ଭବିଷ୍ୟତରେ କୁଟା ହୋଇପାରେ ନାହିଁ ।

ପ୍ରତିକାର - * ଚକଡା କୀଟ ଆକ୍ରାନ୍ତ ଜମିରେ ଏକ କିସମକୁ ଦ୍ୱିତୀୟ ଥର ବ୍ୟବହାର କରନ୍ତୁ ନାହିଁ ।

* ସହନଶୀଳ କିସମ ଯଥା ଗୋଦାବରୀ, କ୍ରିଷ୍ଣାଭେନି, ଚୈତନ୍ୟ ପ୍ରଭୁତି ବ୍ୟବହାର କରିବା ଆବଶ୍ୟକ।

* ଧାନ ଜମିର ମଝି ଭାଗରେ କନ୍ଦି କରନ୍ତୁ । ଏହାଦ୍ୱାରା ଉପଯୁକ୍ତ ସୂର୍ଯ୍ୟାଲୋକ ମିଳିପାରିବା ସହ ଆର୍ଦ୍ରତା ନିୟନ୍ତ୍ରଣ ହୋଇପାରିବ।

* ଜମିରୁ ଅନାବନା ଘାସ ଉପାଡିଦିଅନ୍ତୁ ।

* ପୋକର ଗତିବିଧି ଲକ୍ଷ୍ୟ କରି କୀଟନାଶକ ବ୍ୟବହାର କରନ୍ତୁ।

* ଗଛର ତଳଭାଗକୁ କାର୍ବୋଫ୍ୟୁରାଣ ଦାନା ଏକରକୁ ୧୦ କି.ଗ୍ରା, ଏସିଫେଟ ଏକଲିଟର ପାଣିରେ ୧୫ କି.ଗ୍ରା ମିଶାଇ ୩-୪ ଥର ସ୍ପ୍ରେ କରନ୍ତୁ ।

ନଳି ପୋକ- ଏହା ଧାନ ଫସଲର କ୍ଷତିକାରକ କୀଟ ମଧ୍ୟରେ ଅନ୍ୟତମ। ଏହାର ଶୁକ ଗୁଡ଼ିକ ଫିକା ସବୁଜ ରଙ୍ଗର ଓ ସଦାବେଳେ ପତ୍ରର ନଳୀ ଭିତରେ ଅବସ୍ଥାନ କରିଥାନ୍ତି। ଏମାନେ ଫମ୍ପରୁ ବାହାରିବା ପରେ ଧାନ ପତ୍ରର ଅଗ ଭାଗକୁ କାଟି ଛୋଟଛୋଟ ନଳୀ ତିଆରି କରନ୍ତି। ନଳୀ ଭିତରେ ରହି ପତ୍ରର ସବୁଜ କଣିକାକୁ କୋରି କୋରି ଖାଇଥାନ୍ତି। ଏହି ନଳୀ ଗୁନିକ ପାଣିରେ ସହଜରେ ଭାସି ପାରେ।

ପ୍ରତିକାର - ଏହି ପୋକ ଦାଉରୁ ରକ୍ଷା ପାଇବା ପାଇଁ କୁଇନାଲଫସ ୨୫ଇସି ୨ମିଲି ପ୍ରତି ଲିଟର ପାଣିରେ ପ୍ରୟୋଗ କରି ଜମିରେ ପ୍ରୟୋଗ କରନ୍ତୁ।

ସ୍ୱାମିଙ୍ଗ ସଁବାଳୁଆ - ଏହା ଦେଖିବାକୁ ଗାଢ଼ ସବୁଜ ରଙ୍ଗର ଶୁକ। ଏହାର ନିୟନ୍ତ୍ରଣ ପାଇଁ ଜମିରୁ ସଠିକ ଭାବେ ଜଳ ନିଷ୍କାସନ କରିବା ଆବଶ୍ୟକ।

କାହାଳିଆ ପୋକ - ଏହା ସାଧାରଣତଃ ବର୍ଷାଦିନିଆ ଉଧାନ ଫସଲରେ ଦେଖାଯାଇଥାଏ। ପିଲ ଦେଉଥିବା ଅବସ୍ଥାରେ ପିଲ ଭିତରେ ପଶି କଅଁଳିଆ ମଂଜିର ଅଗ୍ରଭାଗକୁ ଖାଇଥାନ୍ତି। ଫଳରେ ପିଲଟି କାହାଳୀ ସଦୃଶ ହୋଇ ବଢ଼ିଥାଏ। କେଣ୍ଡାର ଧାରଣ ଶକ୍ତି କମିଥାଏ।

ପ୍ରତିକାର- ସଙ୍ଗ ଆକର୍ଷକ ଯନ୍ତା ବ୍ୟବହର କରିବା ଉଚିତ୍।

-ପଟାସ ସାର ବ୍ୟବହାର କରିବା ଦରକାର।

-କାର୍ବୋସଲଫନ୍ ୨୫%ଇସି ୨ମିଲି ପ୍ରତି ଲିଟର ପାଣିରେ ଜମିରେ ସିଂଚନ କରିବା ଆବଶ୍ୟକ।

ମାଟିଆଗୁଣ୍ଡି ପୋକ - ଏହା ମାଟିଆ ଓ ବାଦାମୀ ରଙ୍ଗର ଶୋଷକ କୀଟ ଅଟେ। ବର୍ଷାଦିନିଆ ଓ ଡ଼ାଲୁଅ ଧାନରେ ଏହା ବହୁଳ କ୍ଷତି କରିଥାଏ। ଏହା ଧାନ ବୁଦା ମୂଳରେ ଜଳପତନର ଠିକ ଉପର ଭାଗରେ ରହି କାଣ୍ଡରୁ ରସ ଶୋଷି ଖାଇଥାଏ। ଏହାର ଆକ୍ରମଣରେ ପ୍ରଥମେ ପତ୍ର ଗୁଡ଼ିକ ହଳଦିଆ ପଡ଼ିଯାଏ ଓ ଶେଷରେ ଧାନଗୁଡ଼ିକ ମରିଯାଏ। ଫୁଲ ଧରିବା ସମୟରେ ଏମାନଙ୍କ ପ୍ରାଦୁର୍ଭାବ ବେଶୀ ଥାଏ।

ପ୍ରତିକାର- ସଙ୍ଗଆକର୍ଷକ ଯନ୍ତାର ବ୍ୟବହାର କରିବା ଇମିଡ଼ାକ୍ଲୋପିଡ୍ ୦.୨୫ମିଲି ପ୍ରତି ଲିଟର ପାଣିରେ ପକାଇ ସିଂଚନ କରିବା।

(ସମ୍ପାଦକ-ଶ୍ୟାମଳ ସୁବର୍ଣ୍ଣ,
ବାସୁଦେବପୁର,ଭଦ୍ରକ,
ମୋ:୯୪୩୮୪୬୭୦୭୯)

# ନଡ଼ିଆ ଫସଲରେ ଗଣ୍ଡାପୋକ ଦମନ



ଭୁବନାନନ୍ଦ ଅଧିକାରୀ

*କୀଟ ଟିଏ କଥା ଟିଏ - ୪*

**ଜୀବନ ଚକ୍ର :**

ଗଣ୍ଡାପୋକ ବା ରାଇନୋସରସ ବିଟିଲ ଏକ ଉତ୍ତମ ପ୍ରଜନନକ୍ଷମ ଅନିଷ୍ଟକାରୀ କୀଟ, ଯାହାର ପ୍ରାଦୁର୍ଭାବ ସମସ୍ତ ଜଳବାୟୁ ଓ ପରିବେଶରେ ଦେଖାଯାଇଥାଏ। ଏହାର ଜୀବନ ବୃତ୍ତାନ୍ତ ଅଧ୍ୟନ କଲେ ଜଣାଯାଏ ଯେ ଏହି କୀଟ ଗୋବର, ଖତଗଦା, ମୃତ ଓ ବିଘଟିତ ଜୈବିକ ପଦାର୍ଥର ଧ୍ୱଂସାବଶେଷରେ ମଧ୍ୟ ନିଜର ପ୍ରଜନନ କାର୍ଯ୍ୟ କରି ବଂଶବିସ୍ତାର କରିପାରେ ଓ ହାରାହାରି ୧୭୧ ଦିନ ମଧ୍ୟରେ ଏହାର ଜୀବନଚକ୍ର ପରିସମାପ୍ତ ହୁଏ। ତନ୍ମଧ୍ୟରୁ ଅଣ୍ଡା ଅବସ୍ଥା ୧୦ ଦିନ, ଶୁକ ଅବସ୍ଥା ୧୩୦ ଦିନ ଓ କୋଷା ଅବସ୍ଥା ୨୦ ଦିନରେ ଶେଷ ହୁଏ । ପୂର୍ଣ୍ଣାଙ୍ଗ ପ୍ରାପ୍ତ କୀଟଟି କୋଷରୁ ବାହାରିବା ପରେ ୫-୨୬ ଦିନ ପର୍ଯ୍ୟନ୍ତ ବିଶ୍ରାମ କରେ ଏବଂ ତପ୍ରରେ ନଡ଼ିଆ ଗଛର ଅଗ୍ରଭାଗକୁ ଉଡ଼ି ଚାଲିଯାଏ। ଏହି କୀଟର ଅଣ୍ଡିରା ପୂର୍ଣ୍ଣାଙ୍ଗ କୀଟଟି ୧୨୦ ଦିନ ବଂଚିଥିବା ବେଳେ ମାଇ କୀଟଟି ହାରାହାରି ୧୪୨ ଦିନ ଜୀବନ ଧାରଣ କରିଥାଏ। ଫେବୃୟାରୀରୁ ଏପ୍ରିଲ ଏବଂ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ଏହି ପୋକ ସର୍ବାଧିକ ଅଣ୍ଡା ଦେଇଥାଏ।

**କ୍ଷତି :**

ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକଟି ସାଧାରଣତଃ ନଡ଼ିଆଗଛର ବାହୁଙ୍ଗା ଏବଂ ଫୁଲକୁ ମାତ୍ରାଧିକ ଆକ୍ରମଣ କରି କ୍ଷତି ପହଞ୍ଚାଏ । ଏହି ପୋକ ଆକ୍ରମଣ ନଡ଼ିଆ ଫସଲରେ ହାରାହାରି ୧୦ ପ୍ରତିଶତ ଅମଳ ହ୍ରାସ କରେ । ୩-୧୦ ବର୍ଷ ବୟସ ଗଛ ଗୁଡ଼ିକରେ ଏହି ପୋକର ଆକ୍ରମଣ ଜନିତ କ୍ଷତି ଅଧିକ ହୋଇଥାଏ। ଆକ୍ରମିତ ବାହୁଙ୍ଗା ଗୁଡ଼ିକର ପତ୍ର କଟିଯାଇଥିବା ଲକ୍ଷ୍ୟ କରାଯାଏ। ଏହାକୁ ବୈଜ୍ଞାନିକ ଭାଷାରେ ଜିଓମେଟ୍ରିକ କଟ୍, ଫ୍ୟାନକଟ୍ ବୋଲି କୁହାଯାଏ । ସାଧାରଣତଃ ବିଶେଷ ଆକ୍ରମଣ ହୋଇ ନଥିଲେ ଗୋଟିଏରୁ ଦୁଇଟି ପତ୍ର କଟିଥାଏ । ଯଦି ଏହି ପୋକର ପ୍ରାଦୁର୍ଭାବ ମାତ୍ରାଧିକ ହୁଏ ଓ ଏହାର ଆର୍ଥିକ ଦେହଳୀ ସୀମା ଉଲ୍ଲଙ୍ଘନ କରେ, ସମସ୍ତ ପତ୍ର ଏହିଭଳି କଟିଥିବା ଲକ୍ଷ୍ୟ କରାଯାଏ। ଏହା ବ୍ୟତୀତ ସମ୍ପୂର୍ଣ୍ଣ ଖୋଲି ନଥିବା ବାହୁଙ୍ଗା ମୂଳରେ ଆୟତକାର କଣା ଦେଖାଯାଏ ଏବଂ ଏହି କଣା ପାଖରେ ପୋକ ଦ୍ୱାରା ନଷ୍ଟ ହୋଇଥିବା ବୃକ୍ଷର ତନ୍ତୁଗୁଡ଼ିକର ଅବଶିଷ୍ଟାଂଶ ଦେଖିବାକୁ ମିଳେ । ମାତ୍ରାଧିକ କ୍ଷତି ହେବା ପୂର୍ବରୁ ଏହି ପୋକର ଦମନ ନ କରାଗଲେ ନଡ଼ିଆଗଛ ଅନ୍ୟ କ୍ଷତିକାରୀ କୀଟ ଆକ୍ରମଣ ତଥା କବକଜନିତ ରୋଗ ଆକ୍ରମଣ ପାଇଁ ଉପଯୋଗୀ ହୋଇଯାଏ।

**ନିୟନ୍ତ୍ରଣ :**

ଏହି କୀଟର ନିୟନ୍ତ୍ରଣ ପାଇଁ ପ୍ରଥମେ ପରିଷ୍କାର ପରିଚ୍ଛନ୍ନ ଚାଷ ପ୍ରଣାଳୀ ଅବଲମ୍ବନ ଆବଶ୍ୟକ। ଗଛର ଆଖପାଖ ପରିଷ୍କାର ରଖିବା ସହ ଗଛରେ ଥିବା ମୃତଅଂଶ, ପଚା ଅଂଶ, ପତ୍ରଗୁଡ଼ିକୁ ସମୟାନୁସାରେ କାଟି ସଫା କରିବା ଦ୍ୱାରା ଏହି ପୋକ ଆକ୍ରମଣରୁ ରକ୍ଷା ମିଳେ । ଏହି ପୋକ ଦ୍ୱାରା ସୃଷ୍ଟି ଆୟତକାର ଗଣାରେ ସ୍ପୋକ ବା ଏକ ସରୁ ତାର ପୂରାଇ ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକକୁ ଧରି ତାକୁ ନଷ୍ଟ କରିବା ମଧ୍ୟ ଜରୁରୀ । ନଡ଼ିଆ ବାହୁଙ୍ଗା ବାହାରିଥିବା ଗଛର ଅଂଶ ବା କନ୍ଦରେ ସେଭିଡଲ ୨୫ ଗ୍ରାମ ଓ ସରୁବାଲି ୨୦୦ ଗ୍ରାମର ମିଶ୍ରଣ ବା ଫୋରେଟ୍ ଓ ବାଲିର ମିଶ୍ରଣକୁ ପ୍ରୟୋଗ କଲେ ଏହାର ଉତ୍କଟ ଗନ୍ଧ ଦ୍ୱାରା ଏହି ପୋକଗୁଡ଼ିକ ଫସଲ ଆଡ଼କୁ ଆକର୍ଷିତ ହୁଅନ୍ତି ନାହିଁ। ଯାହାଦ୍ୱାରା ଆକ୍ରମଣଜନିତ କ୍ଷତି ହ୍ରାସପାଏ। ଜୈବିକ ଉପାୟରେ ଏହି ପୋକର ମଧ୍ୟ ନିୟନ୍ତ୍ରଣ ସମ୍ଭବପର। ଏହି କୀଟକୁ ନିୟନ୍ତ୍ରଣ କରୁଥିବା ଭୂତାଣୁ ବା ବ୍ୟାକୁଲୋ ଭାଇରସର ପ୍ରୟୋଗ ବା କୀଟ ବିନାଶକାରୀ କବକ ମେଟାରିଜିୟମ୍ ଆନିସୋପିଲେର ପଇଡ଼ପାଣି ବା ମକାଗୁଣ୍ଡ ବା କୁଣ୍ଡାରେ ବଂଶବିସ୍ତାର କରାଇ ଏହି କବକର ସ୍ପୋରକୁ ଗଛ ପାଖରେ ଥିବା ଖତଗଦାରେ କ୍ୟୁବିକ୍ ମିଟର ପ୍ରତି ୫ ଢ ୧୦୧୧ ସ୍ପୋର ପ୍ରୟୋଗ ଦ୍ୱାରା ଏହି କୀଟ ଦମନ ସମ୍ଭବପର ହୋଇଥାଏ । କେତେକ ଉପକାରୀ କୀଟ ମଧ୍ୟ ଅଛନ୍ତି ଯେଉଁମାନେ ଏହି ଗଣ୍ଡାପୋକକୁ ବିନାଶ କରିବାରେ ସାହାଯ୍ୟ କରନ୍ତି। କିନ୍ତୁ ଆମ ରାଜ୍ୟରେ ବା ପ୍ରାକୃତିକ ଅବସ୍ଥାରେ ଏହାର ପ୍ରୟୋଗ ଏତେଟା ସଫଳକାମୀ ହୋଇ ନଥାଏ । ଜୈବିକ ନିୟନ୍ତ୍ରଣର ଅନ୍ୟ ପ୍ରମୁଖ ଦିଗ ସ୍ୱରୂପ କୀଟ ନିୟନ୍ତ୍ରକ ସୂତ୍ରକୃମିର ଉତ୍ପାଦଡିଡି ୧୩୬ର ପ୍ରୟୋଗ କଲେ ଏହାର ପ୍ରଭାବରେ ଗଣ୍ଡାପୋକର ଶୁକ ବା କୋଷାଗୁଡ଼ିକର ଦମନ ସମ୍ଭବ ହୁଏ। ଏହି ସୂତ୍ରକୃମି ଜାତ ଉତ୍ପାଦର ପ୍ରୟୋଗ ଦ୍ୱାରା ୬୦-୧୦୦ ପ୍ରତିଶତ କୀଟ ଦମନର ନଜିର ରହିଛି। ଏତଦ୍ ଭିନ୍ନ କ୍ଷତିକାରୀ ଗଣ୍ଡାପୋକର ସଂଘ ଆକର୍ଷକ ଯନ୍ତା ବସାଇ (୫ ଏକରକୁ ୧ଟି ଯନ୍ତା ବସାଇବାର ୬୦ ଦିନ ପରେ ଆକ୍ରମଣ ଜନିତ କ୍ଷତିକୁ ୮୦ ପ୍ରତିଶତ କମାଇ ଦିଆଯାଇପାରେ। ଏହିସବୁ ଅଣରାସାୟନିକ ନିୟନ୍ତ୍ରଣ ବ୍ୟତୀତ ସମୟାନୁସାରେ ଗଛ ନିକଟରେ ଥିବା ଖତଗଦା ବା କମ୍ପୋଷ୍ଟ ପିଟରେ ବାର୍କାରିଲ ୫୦ ପ୍ରତିଶତ ଗୁଣ୍ଡ ଲିଟର ପ୍ରତି ୩ ଗ୍ରାମ ଦ୍ରବଣକୁ ସିଞ୍ଚନ କଲେ ଏହି କୀଟ ଆକ୍ରମଣରୁ ରକ୍ଷା ମିଳେ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଚାଷୀଭାଇମାନେ ନିଜେ ନିଜ ଫସଲ ସମସ୍ୟା ପାଇଁ ସମାଧାନ ଉପାୟ ନ ଭାବି ପାଖରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ବା କୃଷି ଅନୁସନ୍ଧାନ ଓ ବୈଷୟିକ ଜ୍ଞାନକୌଶଳ କେନ୍ଦ୍ର, କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ବା ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ପରିଚାଳନା କଲେ ସେମାନେ ଫସଲ ସବସ୍ୟା ଦୂର କରିବା ସହ ନିଜର ଜ୍ଞାନ ପରିସର ମଧ୍ୟ ବଢ଼ାଇ ପାରିବେ।

ମୋ- ୯୫୮୩୨୮୫୪୯୯

# କପା ଫସଲରେ ପୋକ ପରିଚାଳନାରେ ଉପକାରୀ କୀଟର ଭୂମିକା

ଦୀପାୟନ ପାଢ଼ୀ

*କପା ଏକ ମୁଖ୍ୟ ଅର୍ଥକାରୀ ଫସଲ । ଏହାର ଆବଶ୍ୟକତା ଏବଂ ଉତ୍ପାଦନ କ୍ଷମତାକୁ ଆଖି ଆଗରେ ରଖି ଏହାକୁ 'ଧଳା ସୁନା' ମଧ୍ୟ କୁହାଯାଏ । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲର ବିଭିନ୍ନ ପ୍ରକାରର ଅପକାରୀ ପୋକର ପ୍ରାଦୁର୍ଭାବ ବଢ଼ି ଚାଲିଛି ଯଥା ବିଭିନ୍ନ ପ୍ରକାରର ଶୋଷକ ପୋକ, ପତ୍ରଖିଆ ପୋକ ଏବଂ ଫଳବିନ୍ଧା ପୋକ । ପ୍ରଥମେ ପ୍ରଥମେ ଏହି ପୋକମାନଙ୍କ ନିରାକରଣ ପାଇଁ ରାସାୟନିକ କୀଟନାଶକ ବ୍ୟବହାର କରିବା ଦ୍ୱାରା ପୋକର ପ୍ରାଦୁର୍ଭାବକୁ କମାଯାଇ ପାରୁଥିଲା । କିନ୍ତୁ ବର୍ତ୍ତମାନର ପରିସ୍ଥିତି ଅଲଗା । ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲକୁ ଆକ୍ରମଣ କରୁଥିବା ପୋର ନିୟନ୍ତ୍ରଣ ନିମନ୍ତେ ସବୁଦାୟ ଫସଲରେ ବ୍ୟବହୃତ ରାସାୟନିକ କୀଟନାଶକର ଶତକଡ଼ା ୫୦ ଭାଗ କେବଳ କପା ଫସଲରେ ପ୍ରୟୋଗ କରାଯାଏ । ଏହା ଯୋଗୁଁ ପରିବେଶ ପ୍ରଦୂଷଣ ସହିତ ପୋକ ମାନଙ୍କର ସହନଶକ୍ତି ବଢ଼ି, ଏହା ନୂଆ ସମସ୍ୟା ସୃଷ୍ଟି କରେ । ଏଠାରେ ଏହା କୁହାଯାଇପାରେକି, ଆମେ ପୋକ ନିୟନ୍ତ୍ରଣ ପାଇଁ କେବଳ ରାସାୟନିକ ପଦ୍ଧତି ଉପରେ ନିର୍ଭର କରିପାରିବା ନାହିଁ ।*

*ଏହି କାରଣ ଯୋଗୁଁ ସମନ୍ୱିତ କୀଟ ପରିଚାଳନାର ସୃଷ୍ଟି । ଜୈବିକ ନିୟନ୍ତ୍ରଣ ପଦ୍ଧତି, ସମାନ୍ୱୟିତ କୀଟ ପରିଚାଳନା ବ୍ୟବସ୍ଥାର ଏକ ଅବଛେଦ୍ୟ ଅଙ୍ଗ । ଫସଲ ପରିବେଶରେ ଅପକାରୀ କୀଟ ସହିତ ଉପକାରୀ କୀଟ ପରାଶ୍ରୟୀର ଉପଯୁକ୍ତ ସଂରକ୍ଷଣ, ବଂଶବୃଦ୍ଧି ଏବଂ ଆବଶ୍ୟକ ଅନୁଯାୟୀ ପ୍ରୟୋଗ ଦ୍ୱାରା ଅନିଷ୍ଟକାରୀ କୀଟ ମାନଙ୍କର ଆଶାତୀତ ବୃଦ୍ଧିରେ ବାଧା ଉପୁଜେ । ଜୈବ ନିୟନ୍ତ୍ରଣ ଏକ ମିତବ୍ୟୟୀ, ଯୁକ୍ତିଯୁକ୍ତ ଓ ଦୀର୍ଘସ୍ଥାୟୀ କୀଟ ନିୟନ୍ତ୍ରଣ ପଦ୍ଧତି ହୋଇଥିବାରୁ ଅତ୍ୟଧିକ କୀଟନାଶକ ପ୍ରୟୋଗର ଆବଶ୍ୟକତା ପଡ଼ି ନଥାଏ ।*

*ଏହି ବିଷୟବସ୍ତୁରେ କପା ଫସଲରେ ଦେଖାଯାଉଥିବା କେତେକ ମୁଖ୍ୟ ପରଭୋଜୀ କୀଟ ଏବଂ ପରାଶ୍ରୟୀ କୀଟ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି ।*

ପରଭୋଜୀ କୀଟ :

**ଇନ୍ଦ୍ରଗୋପୀ ଭୃଙ୍ଗ (Lady bird beetle):**

ଏହାର ଅନ୍ୟ ନାମ କାନ୍ଦୁଲ ଫାଳିଆ ପୋକା ପୂର୍ଣ୍ଣାଙ୍ଗ କୀଟଟି ଦେଖିବାକୁ ଗୋଲାକାର, ଲାଲ, କମଳା ଓ ନାରଙ୍ଗି ରଙ୍ଗର ହୋଇଥାନ୍ତି । କିନ୍ତୁ ଭୃଙ୍ଗ ଗୁଡ଼ିକଲମ୍ୱାଳିଆ ଏବଂ ପଛଭଗତି ତିନିକୋଣିଆ । ଏହି ପୋକଟି ଅଣ୍ଡାରୁ ପୂର୍ଣ୍ଣାଙ୍ଗ ଅବସ୍ଥାରେ ପରିଣତ ହେବା ପାଇଁ ପାଖାପାଖି ୨ ରୁ ୩ ସପ୍ତାହ ଆବଶ୍ୟକ କରିଥାଏ । ଏହି ପୋକ ଗୁଡ଼ା ଜଉପୋକ ମେଳନୀ ସ୍ଥାନରେ ଧାଡ଼ିରେ ୧୫୦ରୁ ୨୦୦ଟି ଅଣ୍ଡା ଦିଅନ୍ତି ।

ଏହାର ସୁକ ପୋକଟିକୁ ଠିକ୍ ଭାବରେ ନଚିହ୍ନି ପାରିବା ଦ୍ୱାରା ବେଳେବେଳେ ଏହାକୁ ଲୋକେ ଭୁଲରେ ପରଭୋଜୀ ଭାବିନିଅନ୍ତି । ଦିନବେଳେ ଏହି ଭୃଙ୍ଗ ସବୁ ବିଶେଷ ଭାବରେ ସକ୍ରିୟ ହୋଇଥାନ୍ତି । ଏହି କୀଟ ବିଶେଷ ଭାବରେ ଶୋଷକ ପୋକଙ୍କୁ ଖାଏ । ଯଥା- ଜଉପୋକ, ପତ୍ରଡିଆଁ ପୋକ, ଧଳା ମାଛିର ଅର୍ଭକ, ପାତ୍ର ଉକୁଣି ଇତ୍ୟାଦି । ସୁକ ଅବସ୍ଥାରେ ଏମାନେ ଅଧିକ ପୋକ ଖାଇନିଅନ୍ତି (ହାରାହାରି ୪୫ଟି ପୋକ/ଦିନ)

**ବୁଢ଼ିଆଣୀ :**

କପା ଫସଲରେ ସାଧାରଣତ ଦୁଇ ପ୍ରକାରର ପରଭୋଜୀ ବୁଢ଼ିଆଣୀ ଦେଖାଯାନ୍ତି । କିଛି ଅପକାରୀ କୀଟକୁ ସିଧାସଳଖ ଖାଇନିଅନ୍ତି, ତ କିଛିଜାଲ ତିଆରି କରି ଜାଲରେ ପଡ଼ିବା କୀଟମାନଙ୍କୁ ଖାଇ ନିଅନ୍ତି । କପା ଫସଲରେ ବିଭିନ୍ନ ପ୍ରକାରର ବୁଢ଼ିଆଣୀ ଯଥା- ଲମ୍ୱା ଦାନ୍ତିଆ ବୁଢ଼ିଆଣୀ, ବାଘୁଆ ବୁଢ଼ିଆଣୀ, ପତ୍ରଡ଼ିଆଁ ବୁଢ଼ିଆଣୀ ଇତ୍ୟାଦି ଦେଖାଯାନ୍ତି । ଏମାନେ ଶୋଷକ ପୋକର ଅର୍ଭକ ତଥା ପତ୍ରଖିଆ ଏବଂ ଫଳବିନ୍ଧା ପୋକମାନଙ୍କର ଶୁକକୁ ଭକ୍ଷଣ କରନ୍ତି ।

**ସିରଫିଡ଼ ମାଛି :**

ବଡ଼ ବା ପୂର୍ଣ୍ଣାଙ୍ଗ ମାଛି ଫୁଲର ମଧୁ ବା ପରାଗରେଣୁ ଖାଇ ବଂଚିଥାଏ । ମାଇ ପୂର୍ଣ୍ଣାଙ୍ଗ ମାଛି ଜଉପୋକ ଦଳରେ ଅଣ୍ଡା ଦେଇଥାଏ । ଅଣ୍ଡାରୁ ଶୂକ (ଗୋଡ଼ ବିହିନ ଏବଂ ମୁଣ୍ଡ ସରୁ ଓ ପଛ ଭାଗଟି ଓସାରିଆ) ହେବା ପାଇଁ ଏହା ୩ ରୁ ୪ ଦିନ ନେଇଥାଏ । ପୂର୍ଣ୍ଣାଙ୍ଗ ମାଛିର ପେଟ ପାଖରେ ହଳଦିଆ ଏବଂ କଳା ରଙ୍ଗର ଦାଗ ଥାଏ । ସାଧାରଣତ ମାଛି ଶୂକଟି ଯଉପୋକର ଅର୍ଭକର ରସ ଶୋଷି କେବଳ ଖୋଳପାକୁ ଛାଡ଼ି ଦିଅନ୍ତି । ଏହାର ଶୂକ ପୋକଟି ଦିନକୁ ହାରାହାରି ୫୭ଟି ଜଉପୋକ ଖାଇଥାଏ ।

**କ୍ରାଇସୋପେର୍ଲା :**

ଏହାକୁ ଜଉପୋକର ଖାଦନ ବୋଲି ମଧ୍ୟ କୁହାଯାଏ। ପୂର୍ଣ୍ଣାଙ୍ଗ ମାଇ ପୋକଟି ରେଶମ ସୂତାରେ ଗୋଟି ଗୋଟି କରି ଅଣ୍ଡା ଦିଏ । ମୁଖ୍ୟତଃ ଶୁକ ଗୁଡ଼ିକ ଜଉପୋକ ଅର୍ଭକ ଖାଇଥାନ୍ତି । ଶୁକ କୀଟର ଦା ଆକାରର ଦୁଇଟି ଦାନ୍ତ ଥାଏ । ଯାହାଦ୍ୱାରା ଏମାନେ କୀଟ ଶରୀରରୁ ରସ ଶୋଷଣ କରିନିଅନ୍ତି । ଜଉପୋକ ବ୍ୟତୀତ ଏମାନେ ଅନ୍ୟ ନରମ ଶରୀର ବିଶିଷ୍ଟ କ୍ଷୁଦ୍ର କୀଟମାନଙ୍କର ନିୟନ୍ତ୍ରଣରେ ସହାୟକ ହୋଇଥାନ୍ତି ଏହା ଦିନକୁ ହାରାହାରି ୪୬ ଜଉପୋକ ଖାଇଥାଏ ।

**ଶିକାରୀ ଝିଣ୍ଟିକା :**

ଏହା ଏକ ସର୍ବକୀଟଭୋଜୀ ପୋକ । ଏହା ସବୁ ପ୍ରକାର ଫସଲରେ ଦେଖାଯାଏ । ଏହାର ଆଗ ଗୋଡ଼ ଦୁଇଟି ଟାଣ, କଣ୍ଟା କଣ୍ଟା ଓ ଶିକାର ଧରିବାରେ ସହାୟକ ହୋଇଥାଏ । ଏହାର ମୁଣ୍ଡଟି ଚାରି ଦିଗକୁ ଘୁରିପାରେ । ଏହାର ମାଇ ପୋକଟି ଏକ ଟାଣ ଆବରଣ ମଧ୍ୟରେ ଅଣ୍ଡା ଦେଇଥାଏ । ଏଥିରେ ଅର୍ଭକ ଓ ପୂର୍ଣ୍ଣାଙ୍ଗ କୀଟ ଅନ୍ୟ କୀଟ ମାନଙ୍କୁ ଖାଇଥାନ୍ତି । ଏହି ଉପକାରୀ ପୋକଟି ଗୋଟିଏ ଦିନରେ ହାରାହାରି ୪ଟି ଶୂକ ପୋକ ଖାଇପାରେ ।

**ରେଡୁଭିଡ଼ ବଗ ବା ହତ୍ୟାକାରୀ ପୋକ :**

ହତ୍ୟାକରୀ ପୋକ ଏକ ବିଶେଷ ଧରଣର ଉପକାରୀ କୀଟ । ଏହା ନିଜ ଠାରୁ ଭାରି ଓ ବଡ଼ ଆକାରର କୀଟ ମାନଙ୍କୁ ଶିକାର କରିଥାନ୍ତି । ଏହି ହତ୍ୟାକାରୀ କୀଟ ମୁଖ୍ୟତଃ ଶୂକ ପୋକ, ଜଉପୋକ ଓ ଅନ୍ୟ ପୋକମାନଙ୍କର ଅଣ୍ଡା ଖାଏ । ଏହା ନିଜର ଶୁଣ୍ଢ ଦ୍ୱାରା ଶିକାର ଶରୀର ମଧ୍ୟରେ ଏକ ବିଷାକ୍ତ



ପଦାର୍ଥ ଛାଡ଼ିଥାଏ । ତଦ୍ୱାରା ଶିକାର ପୋକଟି ନିସ୍ତେଜ ହୋଇଥାଏ, ଯାହାକି ଶିକାରୀ ପୋକକୁ ଶିକାର ଠାରୁ ରସ ଶୋଷିବାରେ ସହାୟକ ହୋଇଥାଏ । ଏହା ଦିନକୁ ହାରାହାରି ୬ଟି ଶୂକପୋକକୁ ଶିକାର କରେ ।

ପେଣ୍ଟାଟୋମିଡ଼ (ପଞ୍ଚକୋଣୀ)

**ବଗ ବା ଢ଼ାଲ ବଗ :**

ଏହାର ମାଇ ପୋକଟି ପତ୍ରର ଉପରି ଭାଗରେ ଉଜ୍ଜ୍ୱଳ ଧାତୁ ରଙ୍ଗର ଅଣ୍ଡା ଧାଡ଼ିରେ ଦେଇଥାନ୍ତି । ଏହିପୋକ ଗୁଡ଼ିକ ନିଜ ଲମ୍ୱା ଶୁଣ୍ଢ ଦ୍ୱାରା ରସ ଶୋଷି ନିଜ ଆକାର ଠାରୁ ବଡ଼ କୀଟମାନଙ୍କୁ ଖାଇ ପାରନ୍ତି । ଏମାନେ ଗୋଟିଏ ଦିନରେ ହାରାହାରି ୫ଟି ଶୂକକୁ ଶିକାର କରିପାରନ୍ତି ।

କାରାବିଡ଼ ଭୃଙ୍ଗ ବା ଗ୍ରାଉଣ୍ଡ ବିଟିଲ :ଗ୍ରାଉଣ୍ଡ ବିଟିଲର ଉଭୟ



ପୂର୍ଣ୍ଣାଙ୍ଗ ଅବସ୍ଥା, ଶୂକ କଳାରଙ୍ଗର । ଏହାର ଉଭୟ ପୂର୍ଣ୍ଣାଙ୍ଗ ଏବଂ ଶୂକ ଅବସ୍ଥାରେ ଶିକାର କରନ୍ତି । ଏହାର ପୂର୍ଣ୍ଣାଙ୍ଗ ଅବସ୍ଥାରେ ମୁହଁରେ ଦା ଆକୃତିର ଦାନ୍ତ ଥାଏ । ଗୋଟିଏ ପୋକ ଦିନରେ ହାରାହାରି ୫ଟି ଶୂକ ପୋକ ଖାଇଥାଏ ।

**ଶିକାରୀ ବିରୁଢ଼ି :**

ଏମାନେ ଘରର କାନ୍ଥ କୋଣରେ ମାଟି ଘର ତିଆରି କରିଥାଏ । ପୂର୍ଣ୍ଣାଙ୍ଗ ବିରୁଢ଼ି ବିଭିନ୍ନ ପ୍ରକାରର ଶୂକ ଗୁଡ଼ିକୁ ବୋହିଆଣି, ସେମାନଙ୍କୁ ନିସ୍ତେଜ କରି ଏହାର ଛୁଆ ଗୁଡ଼ିକୁ ଖାଇବାକୁ ଦେଇଥାନ୍ତି । ଏମାନେ ନିଜ ନାହୁଡ଼କୁ ଅନ୍ୟ କୀଟମାନଙ୍କୁ ଭୟଭୀତ କରିବାରେ ବ୍ୟବହାର କରନ୍ତି ।

**ଧବନ ଭୃଙ୍ଗ :**

ଏହା ଏକ ଉଜ୍ଜ୍ୱଳ ଲାଲ ରଙ୍ଗର ଟାଣ ଶରୀର ଥିବା ପୋକ । ଏହାକୁ ମୁଖ୍ୟତଃ ଗୋଟି ପୋକ ଏବଂ ଆମେରିକୀୟ ବକରା ବିନ୍ଧା ପୋକର ଶୁକ ନିୟନ୍ତ୍ରଣରେ ବ୍ୟବହାର କରାଯାଏ ।

**ପରାଶ୍ରୟୀ କୀଟ :**

**ଟ୍ରାଇକୋଗ୍ରାମ :**

ଏହା ଏକ ଅଣ୍ଡା ପରାଶ୍ରୟୀ କୀଟ । ପୂର୍ଣ୍ଣାଙ୍ଗ ମାଇ କୀଟଟି ମୋଥ ବା ପ୍ରଜାପତି ଜାତୀୟ କୀଟମାନଙ୍କ ଅଣ୍ଡା ମଧ୍ୟରେ ଅଣ୍ଡା ଦେଇଥାଏ । ଟ୍ରାଇକୋଗ୍ରାମା ଅଣ୍ଡାର ଛୁଆ ଶିକାର କୀଟର ଅଣ୍ଡାକୁ ନଷ୍ଟ କରି ଏଥିରୁ ପୁଣିଟ୍ରାଇକୋଗ୍ରାମା କୀଟ ବାହାରିଥାଏ । ଏହାକୁ କପା ଫସଲରେ ବକରା ବିନ୍ଧା କୀଟ, ପତ୍ରଖିଅ ଘୋଡ଼ାପୋକ ଓ କାହାଳୀ ପୋକ ଇତ୍ୟାଦିର ନିୟନ୍ତ୍ରଣ ପାଇଁ ବ୍ୟବହାର କରାଯାଏ । ଏହି କୀଟକୁ ଗବେଷଣାଗାରରେ ବୃଦ୍ଧି କରାଯାଇ ଟ୍ରାଇକୋକାର୍ଡ଼ ଭାବରେ ବିକ୍ରି କରାଯାଇ ପାରିବ । ଗୋଟିଏ ଟ୍ରାଇକୋକାର୍ଡ଼ରେ ପାଖାପାଖି ୨୦,୦୦୦ କୀଟ ଥାଏ । ୬୦,୦୦୦ ଟ୍ରାଇକୋଗ୍ରମା କୀଟ ଏକରକୁ ପ୍ରତି ସପ୍ତାହ ଅନ୍ତରରେ ୪/୬ ଥର ଛଡ଼ାଯାଏ।

**କୋଟେସିଆ:**

ଏହା ଏକ ଶୁକ ପରାଶ୍ରୟୀ କୀଟ । ଅଣ୍ଡାରୁ ଫୁଟିବା ପରେ ଛୁଆ ଗୁଡ଼ିକ ଶୁକ ପୋକ ଶରୀରର ଅଭ୍ୟନ୍ତରୀୟ ତନ୍ତୁ ଗୁଡ଼ିକୁ ଖାଇ ଯାଆନ୍ତି । ଏମାନେ କପା ଫସଲରେ ଫଳବିନ୍ଧା ପୋକ, ପତ୍ରଖିଅ ଗୋଟି ପୋକ ଇତ୍ୟାଦିର ଶୁକରେ ଅଣ୍ଡା ଦେଇ ଏହାର ନିୟନ୍ତ୍ରଣ କରନ୍ତି।

ସହ ପ୍ରାଧ୍ୟାପକ, କୀଟତତ୍ତ୍ୱ ବିଭାଗ,
ଏମ୍.ଏସ୍. ସ୍ୱାମୀନାଥନ କୃଷି ବିଶ୍ୱ ବିଦ୍ୟାଳୟ,
ପାରଳାଖେମୁଣ୍ଡି
ମୋ- ୮୨୮୦୦୨୮୧୬୬




# ଓଡ଼ିଶାର ମ   ନାଟକ, ସଙ୍ଗୀତ, ନୃତ୍ୟର ବିକାଶରେ କବିଚନ୍ଦ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର (ପିଏନ୍): କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଉଦ୍ୟମରୁ ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇବା ସହ ଓଡ଼ିଶାର ରାସ, ମ  ନାଟକ, ନୃତ୍ୟ ଓ ସଙ୍ଗୀତର ସାମଗ୍ରିକ ବିକାଶ ହେବା ସହ ରାଜ୍ୟର କଳା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ସାଧିତ ହୋଇଛି ବୋଲି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ କବିଚନ୍ଦ୍ରଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଆୟୋଜିତ ୪୪ତମ ଶ୍ରାଦ୍ଧୋତ୍ସବରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବାଙ୍କୀ-ଡମପଡ଼ା ବ୍ଲକ୍ ଅଧକ୍ଷ ପ୍ରଣବ କୁମାର ପଟେଲ, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଗାନ୍ଧିବାଦୀ ଅଧାପକ ଉପେନ୍ଦ୍ର ପାଢ଼ୀ, ଯୁବନେତା ରବି ସାମଲ, ବିକାଶ ଗିରି, ସତ୍ୟବ୍ରତ ଜେନା, ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ମହାପାତ୍ର ପ୍ରମୁଖ ନିଜ ବକ୍ତବ୍ୟରେ ବାଙ୍କୀ ମାଟିର ଯୋଗ୍ୟ ଦାୟାଦ କଳାକୁ ଜୀବନସାଥୀ ଭାବରେ ଗ୍ରହଣ କରି ଅବିବାହିତ ରହି ରାଜ୍ୟର କଳା, ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ କାର୍ଯ୍ୟ କରିଥିଲେ ବୋଲି ପ୍ରକାଶ କରିଥିଲେ। ଓଡ଼ିଶାର ମ  ନାଟକର ବିକାଶ ପାଇଁ ନିଜେ ନାଟକ ରଚନା କରିବା ସହ ନିର୍ଦ୍ଦେଶନା ଦେଇ ତାହାକୁ ଓଡ଼ିଶା ଥିଏଟର ମାଧ୍ୟମରେ ପରିବେଷଣ କରିଥିଲେ। ଏହାପରେ ଗଜପତିଙ୍କ ନିମନ୍ତ୍ରଣ ପାଇ ପୁରୀରେ ରାସ ଓ ନାଟକର ବିକାଶ ପାଇଁ କାର୍ଯ୍ୟ କରିଥିଲେ। ଗଜପତି ତାଙ୍କୁ କବିଚନ୍ଦ୍ର ଉପାଧିରେ ସମ୍ମାନିତ କରିଥିଲେ। ଏହାପରେ ଗଜପତିଙ୍କ ଦରବାର ଛାଡ଼ି ପୁରୀ ଓ ସାକ୍ଷୀଗୋପାଳରେ ନୃତ୍ୟଦଳ ଗଠନ କରି ସମଗ୍ର ରାଜ୍ୟରେ ନୃତ୍ୟ ପରିବେଷଣ କରୁଥିଲେ। ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେବାରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଗଣିତ ନାଟକ, କାବ୍ୟ, କବିତା ରଚନା କରି ରାଜ୍ୟର ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି। 'ଭାତ' ନାଟକ ସହ 'ଶ୍ରୀଜୟଦେବ ଓ ଗୀତଗୋବିନ୍ଦ' ତାଙ୍କର ଅମୂଲ୍ୟ କୀର୍ତ୍ତି। ତାଙ୍କ ଆଦର୍ଶରେ ଯୁବକଳାକାର ଅନୁପ୍ରାଣିତ ହେଲେ ରାଜ୍ୟର କଳା ସମୃଦ୍ଧ ହୋଇପାରିବ। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ଓ ଉପେନ୍ଦ୍ର ପାଢ଼ିଙ୍କ ଜନ୍ମଦିନ ଅବସରରେ ତାଙ୍କୁ ଜନ୍ମଦିନ ଅଭିନନ୍ଦନ ଜଣାଇ ସମ୍ମାନିତ କରାଯିବା ସହ ବାଙ୍କୀବାସୀଙ୍କ ପକ୍ଷରୁ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟଙ୍କ ଲିଖିତ ପୁସ୍ତକ 'ସହଜ ପ୍ରାଣାୟମ ଓ ଯୋଗାସନ' ପୁସ୍ତକ ଉନ୍ମୋଚିତ ହୋଇଥିଲା।

## ମହାକାଳପଡ଼ା ବୃହତ ପାନୀୟ ଜଳ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା ବୈଠକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ନିର୍ବାଚନମଣ୍ଡଳୀରେ ଚାଲିଥିବା ବୃହତ ପାନୀୟ ଜଳଯୋଗାଣ ପ୍ରକଳ୍ପର ଦୁଇଟି ପଏଣ୍ଟ କରାଯାଇଛି। ଗୋଟିଏ ହେଉଛି ଦକ୍ଷିଣ ଜୋନଷ୍ଟ ଓ ଅନ୍ୟଟି ହେଉଛି ଉତ୍ତର ଜୋନ। ଦକ୍ଷିଣ ଜୋନଟି ମହାକାଳପଡ଼ା ବ୍ଲକରେ ରହିଥିବାବେଳେ ଉତ୍ତର ଜୋନଟି ମାର୍ଶାଘାଇ ବ୍ଲକରେ ରହିଛି। ଦକ୍ଷିଣ ପଏଣ୍ଟର କାର୍ଯ୍ୟ ପ୍ରାୟତଃ ଶେଷ ହେବା ଉପରେ। ଆସନ୍ତା ଅଗଷ୍ଟ ମାସ ୧୫ତାରିଖ ସୁଦ୍ଧା ମହାକାଳପଡ଼ା ନିର୍ବାଚନମଣ୍ଡଳୀର ଲୋକମାନଙ୍କୁ ପାନୀୟଜଳ ଯୋଗାଇଦେବା ପାଇଁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ନିର୍ମାଣ କାର୍ଯ୍ୟ କରୁଥିବା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ସମ୍ପର୍କରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାପାଳ ନିର୍ମାଣକାରୀ ସଂସ୍ଥାକୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ କହିଥିଲେ ଏହି ପ୍ରକଳ୍ପ ଦ୍ୱାରା ୫୫ ହଜାର ଲୋକଙ୍କ ଘରେ ପାଇପ ଯୋଗେ ପାନୀୟ ଜଳ ପହ  ିବ। ଯାହା ଫଳରେ ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର ହୋଇପାରିବ। ଦକ୍ଷିଣ ଜୋନର କାର୍ଯ୍ୟ ତୁରନ୍ତ ସାରି ଲୋକଙ୍କୁ ପାନୀୟ ଜଳ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ କହିଥିବା ବେଳେ ଉତ୍ତର ଜୋନକୁ ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା ପାଇଁ ସେ କହିଥିଲେ। ଏହି ସମୀକ୍ଷା ବୈଠକରେ ବିଭାଗୀୟ ଯନ୍ତ୍ରୀ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଥାଉକି ଏହି ପ୍ରକଳ୍ପ ହେବା ଦ୍ୱାରା ମହାକାଳପଡ଼ା ବ୍ଲକର ୨୬ଟି ପ   ାୟତ ଓ ମାର୍ଶାଘାଇ ବ୍ଲକର ୧୧ଟି ପ   ାୟତର ଲୋକେ ପାନୀୟ ଜଳ ପାଇପ ଯୋଗେ ପାଇପାରିବେ। ଫଳରେ ଗ୍ରୀଷ୍ମଋତୁରେ ଜଳକଷ୍ଟର ସମ୍ମୁଖୀନ ହେଉଥିବା ଏହି ପ   ାୟତଗୁଡ଼ିକର ଲୋକମାନଙ୍କ ପାନୀୟଜଳ ସମସ୍ୟା ରହିବ ନାହିଁ। ଦକ୍ଷିଣ ଜୋନ କାର୍ଯ୍ୟକ୍ଷମ ହେଲେ ମାର୍ଶାଘାଇ ବ୍ଲକର ୩ଟି ପ   ାୟତ ଓ ମହାକାଳପଡ଼ା ବ୍ଲକର ୯ଟି ପ   ାୟତର ଲୋକମାନେ ଉପକୃତ ହୋଇପାରିବେ।

## ସ୍କାଉଟସ୍ ଗାଇଡସ୍‌ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



ଭୁବନେଶ୍ୱର (ପିଏନ୍): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂସ୍ଥାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନଲାଇନ୍ ମାଧ୍ୟମରେ ଆୟୋଜିତ ହୋଇଥିଲା । ରାଜ୍ୟ ମୁଖ୍ୟ କମିଶନର ଡଃ. କାଳି ପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ବୈଠକରେ ରାଜ୍ୟ ସମ୍ପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟଙ୍କ ସ୍ୱାଗତ ଅଭିଭାଷଣ ପରେ ଓଡିଶାର ବିଭିନ୍ନ ଜିଲ୍ଲାର ଦିବଂଗତ ସ୍କାଉଟ୍ ଗାଇଡ଼୍‌ର ସଭ୍ୟସଭ୍ୟାମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବିଗତ ବର୍ଷରେ ରାଜ୍ୟ ସଂସ୍ଥା ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରାଯିବା ସଂଗେ ସଂଗେ ଆଗାମୀ ବର୍ଷରେ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡ଼ିକର ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଏତଦ୍‌ବ୍ୟତୀତ ବିଗତ ବର୍ଷର ଆୟବ୍ୟୟ ସମୀକ୍ଷା କରାଯାଇ ଆଗାମୀ ବର୍ଷର ଆର୍ଥିକ ଖର୍ଚ୍ଚ ଅଟକଳ କମିଟି ଦ୍ୱାରା ଅନୁମୋଦନ ଲାଭ କରିଥିଲା। ଜାତୀୟ ତଥା ଅନ୍ତର୍ଜାତୀୟ ସଂଗଠନ ଦ୍ୱାରା ଯୁବପୀଢ଼ିମାନଙ୍କ ପାଇଁ ପ୍ରାୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଯଥା: Sustanable Development Goal, ସ୍ୱଚ୍ଛ ଭାରତ ଅଭିଯାନ, ସର୍ଫ ସ୍ମାର୍ଟ, ଫ୍ରି ବିଙ୍ଗ୍ ମିଂ, ଷ୍ଟପ୍ ଦି ଭାଇଓଲେନ୍‌ସ୍, ମେସେଞ୍ଜର ଅଫ୍ ପିସ୍ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମଗୁଡ଼ିକରେ ରାଜ୍ୟ ବିଶେଷ ସଫଳତା ପାଇଥିବାରୁ କମିଟିରେ ଆନନ୍ଦ ପ୍ରକାଶ ପାଇଥିଲା। ଭବିଷ୍ୟତରେ ଏହାକୁ ଆହୁରି ବ୍ୟାପକ କରିବା ପାଇଁ ରାଜ୍ୟ ମୁଖ୍ୟ କମିଶନର ଡଃ. ମିଶ୍ର ସଭ୍ୟମାନଙ୍କର ସହଯୋଗ କାମନା କରିଥିଲେ। ଏହି ବୈଠକରେ ବିଭିନ୍ନ ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀମାନେ ଯୋଗଦେଇଥିଲେ । ପରିଶେଷରେ ରାଜ୍ୟ କମିଶନର (ହେଡକ୍ୱାର୍ଟର) ଶ୍ରୀ ରାଧାକାନ୍ତ ଦାସ ସମସ୍ତ ସଭ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ସଭା ଭଙ୍ଗ କରାଯାଇଥିଲା।

## କେନ୍ଦୁଝରଗଡ ରେଲଷ୍ଟେସନରୁ ଯୁବତୀ ଉଦ୍ଧାର

କେନ୍ଦୁଝର (ପିଏନ୍): ଗତ ୨୫ ତାରିଖ ରାତିରେ ଭୁବନେଶ୍ୱରରୁ କେନ୍ଦୁଝରଗଡ ଟ୍ରେନ ରେ ଆସିଥିବା ଜଣେ ଯୁବତୀଙ୍କୁ କେନ୍ଦୁଝରଗଡ ରେଲଷ୍ଟେସନରୁ ଉଦ୍ଧାର କରାଯାଇଛି। ରାତ୍ରୀ ୯ଟା ୨୫ରେ ୧୮୪୫୬ ନଂ ଫାଷ୍ଟ ପାସେଂଜର ଟ୍ରେନ କେନ୍ଦୁଝରଗଡ ରେଲଷ୍ଟେସନରେ ପହଁଚିବା ପରେ ରେଲୱେ ପୋଲିସକୁ କିଛି ଯାତ୍ରୀ ଖବର କରିଥିଲେ। ରେଲୱେ ପୋଲିସ ଯୁବତୀଙ୍କୁ ଉଦ୍ଧାର କରି କେନ୍ଦୁଝର ଟାଉନ ପୋଲିସ ସହାୟତାରେ ବଣିଆପାଟ ସ୍ଥିତ ସ୍ୱାଧାର ଗୃହରେ ରଖିଛି। ଯୁବତୀ ମାନସିକ ରୋଗରେ ଆକ୍ରାନ୍ତ ଥିବା ଆଶଙ୍କା କରାଯାଉଛି। ଏଣୁ ସେ ତାର ସଠିକ୍ ଠିକଣା କହିପାରୁନାହିଁ। ସେ ହିନ୍ଦିରେ କଥାବାର୍ତ୍ତା କରୁଛି। ଯୁବତୀଙ୍କ ବୟସ ୨୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତେବେ ଉକ୍ତ ଯୁବତୀ କେଉଁ ସ୍ଥାନରୁ ଆସିଛି ତାହାର ତଦନ୍ତ ପୋଲିସ କରୁଛି।

# ମନରେଗା ଅର୍ଥ ଆତ୍ମସାତ୍ ଘଟଣାରେ ଲୋକାୟୁକ୍ତଙ୍କ ତଦନ୍ତ ନିର୍ଦ୍ଦେଶ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଗଙ୍ଗାଧରପୁର ପ   ାୟତ ଇମାମ୍‌ନଗର ଗାଁରେ ମନରେଗା ଅର୍ଥ ଆତ୍ମସାତ ଘଟଣାର ୨ଦିନିଆ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଲୋକାୟୁକ୍ତ। ଆସନ୍ତା ଅଗଷ୍ଟ ୧୬ ଓ ୧୭ତାରିଖରେ ଲୋକାୟୁକ୍ତଙ୍କ ତଦନ୍ତକାରୀ ଟିମ୍ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ଓ ଘଟଣାସ୍ଥଳରେ ପହ  ି ତଦନ୍ତ କରିବ। ଏଥିରେ ଧର୍ମଶାଳା ବିଡ଼ିଓ ଉପସ୍ଥିତ ରହି ସହଯୋଗ କରିବାକୁ ଲୋକାୟୁକ୍ତ ଗତ ୨୮ତାରିଖ ପତ୍ରସଂଖ୍ୟା-ଏଲ୍‌ୱାଇ-୫୮୯୨ରେ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ସମୟରେ ବ୍ଲକ୍‌ର ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ପିଇଓ ଓ ଜିଆର୍‌ଏସ୍ ସହଯୋଗ କରିବେ। ସେହିପରି ଅଭିଯୋଗ ସ୍ଥାନ ସରକାରୀ ଜମି କିମ୍ବା ବ୍ୟକ୍ତିଗତ ଜମି ଏହାକୁ ମାପଚୁପ କରିବା ପାଇଁ ଏଠାକାର ରାଜସ୍ୱ ନିରୀକ୍ଷକ ଓ ଅମିନ ଉପସ୍ଥିତ ରହିବେ ବୋଲି ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଛି। ଅଭିଯୋଗକାରୀ ସାରୋଇ ଗ୍ରାମର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ଅଦାଲତରେ ପହ  ି ନିଜ ପକ୍ଷ ରଖିବା ସହିତ ଅଭିଯୋଗ ସଂପର୍କୀତ କାଗଜପତ୍ର ଦାଖଲ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ବନ୍ୟାପ୍ଲାବିତ ଇମାମ୍ ନଗର ଗାଁ ରାସ୍ତାର ଉଚ୍ଚତା ବଢ଼ାଇବା ପାଇଁ ମନରେଗା ଯୋଜନାରେ ୫୫୫ ମିଟର ରାସ୍ତା ମରାମତି ପାଇଁ ୨୦୨୦/୨୧ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ମାତ୍ର ଏହି ଗ୍ରାମର ଅକ୍ଷୟ କୁମାର ପାଳଙ୍କ ଘର ନିକଟରୁ ସୁନାକର ରାଉତଙ୍କ ଘର ପର୍ଯ୍ୟନ୍ତ ୨୮୦ ମିଟର ମାଟିରାସ୍ତା ମରାମତିରେ ୨ଲକ୍ଷ ୯୩ହଜାର ୯୧୦ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲେ ଦାୟିତ୍ୱରେ ଥିବା ଠିକାଦାର ମାତ୍ର ୬୦ମିଟର ରାସ୍ତାକାମ କରି ୨୮୦ ମିଟର କାମ କରିଛନ୍ତି ବୋଲି କାଗଜପତ୍ର ପ୍ରସ୍ତୁତ କରି ୨ଲକ୍ଷ ୯୩ହଜାର ୯୧୦ଟଙ୍କା ଉଠାଇ ନେଇଥିବା ସୂଚନା ଅଧିକାର ଆଇନ ତଥ୍ୟରୁ ଜଣାପଡ଼ିଥିଲା। ତାହା ପୁଣି ବ୍ୟକ୍ତିଗତ ଜମିରେ ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ସୂଚନା ଅଧିକାର କର୍ମୀ ଶ୍ରୀ ବେହୁରା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଜୁନ୍ ୨୨ତାରିଖରେ ଲୋକାୟୁକ୍ତଙ୍କ ଅଦାଲତରେ ୧୩୪/୨୦୨୨(ବି-୧)ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ଏଥିରେ ଧର୍ମଶାଳା ବିଡ଼ିଓ ଅରବିନ୍ଦ ବେହେରା ଓ ତତ୍କାଳୀନ ପିଇଓ ନିର୍ମଳ ଚନ୍ଦ୍ର ପଣ୍ଡାଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଦାୟିତ୍ୱରେ ଥିବା ଠିକାଦାର ମନରେଗା ନିୟମାନୁସାରେ କାମ ନକରି ବେଆଇନ ଭାବେ ଶ୍ରମିକଙ୍କ ବଦଳରେ ଟ୍ରକ୍ ଓ ମେସିନ୍ ବ୍ୟବହାର କରିଥିଲେ। ସରକାରୀ ଜମି ବଦଳରେ ବ୍ୟକ୍ତିଗତ ଜମିରେ ମନରେଗା ଅର୍ଥ ବିନିଯୋଗ ହୋଇଥିଲା। ଏଭଳି ଏକ ସଙ୍ଗୀନ୍ ଅଭିଯୋଗର ଶୁଣାଣି କରି ଲୋକାୟୁକ୍ତ ତାଙ୍କ ନିଜସ୍ୱ ତଦନ୍ତକାରୀ ଟିମ୍‌କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବା ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଯୁବମାରଣ ନୀତି ବିରୋଧରେ ଯୁବ କଂଗ୍ରେସର ଯୁବ ସମ୍ପର୍କ ପଦଯାତ୍ରା

ଭୁବନେଶ୍ୱର (ପିଏନ୍): ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟ ସଭାପତି ଡ଼ଃ ସ୍ମିତିରଂଜନ ଲେଙ୍କାଙ୍କ ନେତୃତ୍ୱରେ ୨୯ ତାରିଖ ଶୁକ୍ରବାର ମାଲକାନଗିରିଠାରୁ ଆରମ୍ଭ ହୋଇଛି ରାଜ୍ୟବ୍ୟାପୀ ଯୁବ ସମ୍ପର୍କ ପଦଯାତ୍ରା। ଶନିବାର ଏହି ପଦଯାତ୍ରା କୋରାପୁଟର ଜୟପୁରଠାରେ ପହଂଚିଛି। ଦେଶ ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ଦେଶର ତଥା ରାଜ୍ୟର ଯୁବପିଢ଼ୀମାନଙ୍କୁ ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡି ସରକାରର ଯୁବମାରଣ ନୀତି ବିରୋଧରେ ସଚେତନ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଏହି ପଦଯାତ୍ରା। ରାଜ୍ୟର ସମସ୍ତ ଜିଲ୍ଲାକୁ ଯାତ୍ରା କରି ଯୁବ ପିଢ଼ୀମାନଙ୍କୁ ସଚେତନ କରିବା ସହ କଂଗ୍ରେସ ଦଳର ବିଚାରଧାରାକୁ ଯୁବପିଢ଼ୀଙ୍କ ନିକଟରେ ପହଂଚାଇବା ପାଇଁ 'ଯୁଥ୍ ଯୋଡୋ, ବୁଥ୍ ଯୋଡୋ' କାର୍ଯ୍ୟକ୍ରମକୁ ମଧ୍ୟ ହାତକୁ ନିଆଯାଇଛି। କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନା କିଭଳି ଯୁବପିଢ଼ୀଙ୍କ ଭବିଷ୍ୟତ ନଷ୍ଟ କରିବା ସହ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ, ସେ ସମ୍ପର୍କରେ ଜନଜାଗରଣ ମଧ୍ୟ ରାଜ୍ୟବ୍ୟାପୀ କରାଯିବ ବୋଲି ଓଡିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡଃ ସ୍ମିତିରଂଜନ ଲେଙ୍କା ପ୍ରକାଶ କରିଛନ୍ତି। ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡି ସରକାର ଯୁବପିଢ଼ିମାନଙ୍କୁ ପ୍ରତାରିତ କରିଛି। ରାଜ୍ୟରେ ୨୨ ବର୍ଷର ବିଜୁ ଜନତା ଦଳର ସରକାର ସମୟରେ ଶିକ୍ଷିତ ଯୁବକଯୁବତୀମାନଙ୍କୁ ସ୍ଥାୟୀ ନିଯୁକ୍ତି ନଦେଇ ଚୁକ୍ତିଭିତିକ ନିଯୁକ୍ତି ଦେଇ ଠିକା ଶ୍ରମିକ ଭାବେ ନିୟୋଜିତ କରୁଛି। ଏ ସବୁକୁ ଦୃଢ଼ ଭାବେ ନିନ୍ଦା କରିବା ସହ ତୁରନ୍ତ ଚୁକ୍ତିଭିତିକ ନିଯୁକ୍ତି ପ୍ରତ୍ୟାହାର କରିବାକୁ ଦୃଢ଼ ଦାବି ଜଣାଇଛି ଯୁବ କଂଗ୍ରେସ। ଏହାବ୍ୟତୀତ ରାଜ୍ୟରେ ସରକାରୀ ନିଯୁକ୍ତି ବୟସ ସୀମା ୩୨ ବର୍ଷରୁ ୪୨ ବର୍ଷକୁ ବୃଦ୍ଧି କରି ସମ୍ପୂର୍ଣ୍ଣଭାବେ ଏହାକୁ କାର୍ଯ୍ୟକାରୀ କରିବାକୁ ଯୁବ କଂଗ୍ରେସ ଦାବି କରିଛି। ରାଜ୍ୟ କଂଗ୍ରେସ ପୁଣି ଥରେ ନିଜର ସତାକୁ ଫେରିବା ଲକ୍ଷ୍ୟ ରଖି ଆରମ୍ଭ କରିଥିବା ମିଶନ ୯ରୁ ୯୦କୁ ସଫଳ କରିବା ପାଇଁ ଯୁବ କଂଗ୍ରେସ ଏହି ମିଶନ୍‌ର ସାରଥି ହେବ ବୋଲି ଡଃ ଲେଙ୍କା ପ୍ରକାଶ କରିଛନ୍ତି। ରାଜ୍ୟରେ ବିଜେଡିର ଏକଛତ୍ରବାଦ ଶାସନର ଅନ୍ତ କରିବା ପାଇଁ ଯୁବପିଢ଼ୀମାନଙ୍କୁ ଏବେଠାରୁ ସଜାଗ କରୁଛି ଯୁବ କଂଗ୍ରେସ। ଯୁବ କଂଗ୍ରେସ ପକ୍ଷରୁ ଏକ ବିରାଟ ପରିବର୍ତନ ଲକ୍ଷ୍ୟରେ ହୋଇଥିବା ଏହି ପଦଯାତ୍ରାରେ ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ତଥା ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ଶେଷ ନାରାୟଣ ଓଝା, ସହ ପ୍ରଭାରୀ ଅଭିନବ ସିଦ୍ଧାର୍ଥ ଭଗତଙ୍କ ସହ କୋରାପୁଟ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ରାଜ୍ୟ ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ଜ୍ଞାନରଂଜନ ରାଉତ, ସମ୍ପାଦକ ବିଶ୍ୱଜିତ ଲେଙ୍କା, ରମେଶ ଖରା ଓ ରାଉରକେଲା ଜିଲ୍ଲା ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ହାଟଡିହି ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ହାଟଡିହି (ପିଏନ୍): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକରେ ଗତ ସୋମବାର ଦିନ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିଚିତ୍ରାନନ୍ଦ କରଙ୍କ ତତ୍ତ୍ୱାବଧାନରେ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେ ଯୋଗଦେଇ ବିଭିନ୍ନ ଅଂଚଳରୁ ଆସିଥିବା ସାଧାରଣ ଲୋକଙ୍କଠାରୁ ୧୩୦ଟି ଅଭିଯୋଗ ଗ୍ରହଣ କରିବା ପରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅଭିଯୋଗ ଶୁଣାଣିରେ ଶାଳଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହାଟଡିହି ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ପ୍ରସଙ୍ଗରେ ଦୀର୍ଘ ସମୟ ଧରି ସ୍ଥାନୀୟ ଅଧିବାସୀ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘଦିନ ଧରି ଡାକ୍ତର ପଦବୀ ଖାଲି ପଡିଥିବାରୁ ସମଗ୍ର ହାଟଡିହି ବ୍ଲକ ଅଂଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟୟ ହୋଇ ପଡିଛି। ସେହିପରି ହାଟଡିହି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଅଭାବର ସମସ୍ୟା ଲାଗି ରହିଥିବାରୁ ଶିକ୍ଷାଦାନରେ ଅଚଳ ଅବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଠାକରେ କେତେକ ଦିବ୍ୟାଙ୍ଗ ମାନଙ୍କୁ ତିନିଚକିଆ ଟ୍ରାୟ ସାଇକେଲ ବିତରଣ କରିଥିଲେ। ଏହି ଅଭିଯୋଗ ଶୁଣାଣିରେ କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଂ, ଆନନ୍ଦପୁର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ତହସିଲଦାର ଦିଲ୍ଲୀପ କୁମାର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୋଦି ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ।

## ବିଭିନ୍ନ ଦାବୀ ପୂରଣ ନେଇ ଡ଼ିଏଲଆର ସଙ୍ଘ ପକ୍ଷରୁ ପାରାଦୀପ ବନ୍ଦର ପ୍ରଶାସନକୁ ଦାବିପତ୍ର ପ୍ରଦାନ






ପାରାଦୀପ ,(ପି.ଏନ): ପାରାଦୀପ ବନ୍ଦରର ସ୍ଥାୟୀ କର୍ମଚାରୀ ଙ୍କ ପରି ଡ଼ିଏଲଆର କର୍ମଚାରୀ ମାନଙ୍କୁ ଭିଡ଼ିଏ, ବୋନସ, ମେଡିକାଲ ସୁବିଧା ଏବଂ ଫିମେଲ କ୍ଲିନିଙ୍ଗ ଗ୍ୟାଙ୍ଗ ସ୍କିମ ରେ ଅନ୍ତର୍ଭୁକ୍ତ କରିବା ସହ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରାଇବା ନେଇ ଶୁକ୍ରବାର ଦିନ ଏକ ଦାବିପତ୍ର ବନ୍ଦର ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା ଙ୍କୁ ପ୍ରଦାନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ପାରାଦୀପ ପୋର୍ଟ ଡ଼ିଏଲଆର ଆଣ୍ଡ କଣ୍ଟ୍ରାକ୍ଟର ୱାର୍କମେନ ଆସୋସିଏସନ ର ସଭାପତି ପ୍ରକାଶ ତ୍ରିପାଠୀ ଙ୍କ ନେତୃତ୍ୱରେ ଶତାଧିକ ଡ଼ିଏଲଆର କର୍ମଚାରୀ ଏକାଠି ହୋଇ ଏକ ଶୋଭାଯାତ୍ରା ରେ ବନ୍ଦର ପ୍ରଶାସନିକ ପ୍ରବେଶ ଫାଟକ ନିକଟରେ ପହଞ୍ଚିଥିଲେ ।। ସେଠାରେ ଆୟୋଜିତ ଏକ ସଭାରେ ସଭାପତି ଶ୍ରୀ ତ୍ରିପାଠୀ ଙ୍କ ସମେତ ସଂଘର ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା,କାର୍ଯ୍ୟକାରୀ ସଭାପତି ପରେଶ ମୁର୍ମୁ, ଉପସଭାପତି ସୁବ୍ରତ ପ୍ରଧାନ ଓ ରତ୍ନାକର ଜେନା,ଉପଦେଷ୍ଟା ସର୍ବ?ଶ୍ୱର ବଳିୟାରସିଂହ ଓ ଶିଶିର କୁମାର ନାୟକ,ଡିଏଲଆର ସଂଘର ବରିଷ୍ଠ ସଦସ୍ୟ ପ୍ରକାଶ ଚ଼ନ୍ଦ୍ର ସ୍ୱାଇଁ, ନରହରି ସ୍ୱାଇଁ, ଧନେଶ୍ୱର ସାହୁ, ସୁମନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଡ଼ିଏଲଆର ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରି ଦାବୀ ପୂରଣ ନହେଲେ ତୀବ୍ର ଆନ୍‌ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବା ଚେତାବନୀ ଦେଇଥିଲେ । ଏହାପରେ ସମସ୍ତ ନେତୃମଣ୍ଡଳୀ ବନ୍ଦର ପ୍ରଶାସନ ଭବନରେ ଦାବୀ ପତ୍ର ପ୍ରଦାନ ପୂର୍ବକ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ପାଇଁ ଅନୁରୋଧ କରିଥିଲେ ।


# DISPLAY CLASSIFIED

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

**TARIFF:** 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Prajyan Communication

Mahaditya Publication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ସମାଜସେବା ପାଇଁ ଅଧ୍ୟାପକ ପ୍ରଦୀପ ଶତପଥୀଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ

ଜଗତସିଂହପୁର,(ପି.ଏନ) : ଜଗତସିଂହପୁର ଉତ୍କୃଷ୍ଟ ଅଧ୍ୟାପନା, ପ୍ରକୃଷ୍ଟ ଅଧ୍ୟାତ୍ମ ଚେତନା, ବଳିଷ୍ଠ ସାହିତ୍ୟ ସାଧନା ତଥା ଏକନିଷ୍ଠ ମାନବ ଆରାଧନାର ନିଛକ ଉଦାହରଣ ହେଉଛନ୍ତି, ଜଗତସିଂହପୁର ଜିଲ୍ଲା, ବାଲିକୁଦା ବ୍ଲକ, ଅଲିକଣା ଗ୍ରାମର ପଣ୍ଡିତ ସୁଦର୍ଶନ ଶତପଥୀଙ୍କ ମଧ୍ୟମ ପୁତ୍ର, ବରିଷ୍ଠ ଅର୍ଥନୀତିଜ୍ଞ ଅଧ୍ୟାପକ ପ୍ରଦୀପ ଶତପଥୀ ଜଣେ ଛାତ୍ରବତ୍ସଳ ଅଧ୍ୟାପକ ସହିତ ନିରବଛିନ୍ନ ଭାବେ ଗରିବ ଛାତ୍ର ଛାତ୍ରୀଙ୍କୁ ନିଜ ଦରମାରୁ ସମ୍ପୂର୍ଣ୍ଣ ସାହାଯ୍ୟ କରିବା, ବିଭାଗର ଅତ୍ୟାବଶ୍ୟକତା ପୂରଣ କରିବା, ମହାବିଦ୍ୟାଳୟ ପାଇଁ ଆବଶ୍ୟକ ଖର୍ଚ୍ଚ କରିବା, ତାଙ୍କର ବୃତ୍ତି କ୍ଷେତ୍ରରେ ମହନୀୟତାର ପରିଚୟ ଦିଏ ।ନିଜର ପୈତୃକ ସ୍ଥାନ ବାଲିକୁଦା ବ୍ଲକର ଅଲିକଣା ଗ୍ରାମରେ ବହୁବିଧ ସାଂସ୍କୃତିକ ଓ ଐଶ୍ୱରିକ କାର୍ଯ୍ୟ ପାଇଁ ଅକୁଣ୍ଠ ଚିତ୍ତରେ ସହଯୋଗ କରିବା, ତାଙ୍କର ମା ମାଟି ପ୍ରୀତିର ଜ୍ୱଳନ୍ତ ଉଦାହରଣ ଦିଏ । ନିଜ ଜିଲ୍ଲାର ଅନେକ ଶିକ୍ଷାନୁଷ୍ଠାନରେ ପରିବେଶ ପ୍ରଦୂଷଣ ରୋକିବା ପାଇଁ ପ୍ରସ୍ତର ନିର୍ମିତ ବିଦ୍ୟାଦାତା ଗଣେଶ ଓ ବିଦ୍ୟାଦାତ୍ରୀ ମା ସରସ୍ୱତୀଙ୍କ ମୂର୍ତ୍ତି ପ୍ରଦାନ କରି, ନିଜକୁ ଜଣେ ଉତ୍ତମ ପ୍ରକୃତି ପ୍ରେମି ଭାବେ ସାବ୍ୟସ୍ତ କରିପାରିଛନ୍ତି ।ନିଜ ଜିଲ୍ଲାର ଶୈକ୍ଷିକ ବାତାବରଣ ପ୍ରଗତି ପାଇଁ ଅନେକ ପାଠାଗାରକୁ ସାହାଯ୍ୟ ଜାରିରହିଛି ।ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଥିବା ଅନାଥ ଗରିବ କନ୍ୟା ମାନଙ୍କର ବିବାହ କାର୍ଯ୍ୟରେ ଆର୍ଥିକ ଓ ସାମାଜିକ ସାହାଯ୍ୟ କରି ଚାଲିଛନ୍ତି ।ରାଜ୍ୟ,ଦେଶ ତଥା ବିଦେଶରେ ଥିବା ଅନେକ ଅନାଥାଶ୍ରମ ଓ ବୃଦ୍ଧାଶ୍ରମକୁ ନିରନ୍ତର ସାହାଯ୍ୟ କରୁଛନ୍ତି ।ବିଶ୍ୱବିପତ୍ତି କରୋନା ସମୟରେ, ନିଜ ଜୀବନକୁ ବାଜି ଲଗାଇ, ସମଗ୍ର ରାଜ୍ୟରେ ୨୪ ଘଣ୍ଟିଆ ସମସ୍ତ ପ୍ରକାର ସାହାଯ୍ୟ ପ୍ରଦାନ କରି ବିରଳ ସମାଜସେବାର ଉଦାହରଣ ସୃଷ୍ଟି



କରିଛନ୍ତି । ଧର୍ମ ରକ୍ଷା ଅର୍ଥେ ବିଭିନ୍ନ ସ୍ଥାନରେ ଗୀତା ଭାଗବତ ବଣ୍ଟନ ସହିତ ଆଧ୍ୟାତ୍ମିକ ପ୍ରଚାର ଓ ପ୍ରସାର କରି ଆସୁଛନ୍ତି । ସମାଜ ଓ ସଂସ୍କୃତି ବିକାଶ ପାଇଁ ଭାଷା ସାହିତ୍ୟର ଉନ୍ନତି କଳ୍ପେ ପାରମ୍ପରିକ ଢାଞ୍ଚାରେ ପଦ୍ୟ ଓ ଗଦ୍ୟ ସାହିତ୍ୟ ରଚନା କରିବା ସହିତ ବିଶେଷତଃ ଓଡିଆ ଭାଷାର ଉନ୍ନତି ପାଇଁ ପ୍ରୟାସ ଜାରି ରଖିଛନ୍ତି ।ଦେଶ ଠାରୁ ବିଦେଶ ପର୍ଯ୍ୟନ୍ତ ଭାରତୀୟ ସଂସ୍କୃତିର ପ୍ରଚାର କରୁଛନ୍ତି ।ଦୀର୍ଘ ୩୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦେବଭୂମି ହିମାଳୟର ଦିବ୍ୟ ଗୁରୁ ମାନଙ୍କ ଠାରୁ ନିୟମିତ ଆତ୍ମ ଜ୍ଞାନ ଆହରଣ କରି, ସମାଜରେ ଭୌତିକ ଦ୍ରବ୍ୟ ଠାରୁ ଅତିଭୌତିକ ଜ୍ଞାନ ବଣ୍ଟନ କରି ଚାଲିଛନ୍ତି ।ଏତାଦୃଶ ଅବର୍ଣ୍ଣନୀୟ ତଥା ମହାମାନବୀୟ ନିରନ୍ତର ଜ୍ଞାନ, ଦାନ, ଓ କର୍ମଯୋଗ ପାଇଁ ଆମେରିକାନ୍ ମେରିଟ୍ କାଉନସିଲ ତରଫରୁ ପ୍ରକୃତି ତଥା ମାନବବନ୍ଧୁ, ଜଗତସିଂହପୁର ଜିଲ୍ଲା, ବାଲିକୁଦା ମହାବିଦ୍ୟାଳୟର ଅର୍ଥନୀତି ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଦୀପ କୁମାର ଶତପଥୀ ମହୋଦୟଙ୍କୁ ସମ୍ମାନ ସୂଚକ ଡକ୍ଟରେଟ ଉପାଧିରେ ଭୂଷିତ କରାଯାଇଛି ।

## ରାସ୍ତାରୁ ସ୍ମାର୍ଟଫୋନ ପାଇ ଯୁବକଙ୍କୁ ଫେରାଇଲେ ଶିକ୍ଷକ

ବେତନଟୀ(ପି.ଏନ) : ବ୍ୟସ୍ତବହୁଳ ବେତନଟୀ ମୁଖ୍ୟବଜାରର କଙ୍କାକାଳିଆ ରେଳ ଧାରଣ ନିକଟରେ ପଡ଼ିଥିବା ସ୍ମାର୍ଟଫୋନକୁ ପାଇ ପ୍ରକୃତ ମାଲିକଙ୍କୁ ଫେରାଇଲେ ଶିକ୍ଷକ କ୍ଷ ସୂଚନା ମୁତାବକ ତାରିଣୀ କୋଚିଂସେଣ୍ଟରର ଅଧ୍ୟକ୍ଷ କମଳାକାନ୍ତ କବାଟ ଓ ଶିକ୍ଷକ ହରିଶ୍ଚନ୍ଦ୍ର ସେନାପତି ମୋଟର ସାଇକେଲରେ ଯାଉଥିବା ବେଳେ କଙ୍କାକାଳିଆଛକ ରେଳ ଫାଟକ ନିକଟରୁ ଏକ ସ୍ମାର୍ଟଫୋନ ପଡ଼ିଥିବାର ଦେଖିଥିଲେ କ୍ଷ ସ୍ମାର୍ଟଫୋନଟି ବଡ଼ସାହି ଥାନା ଅଧୀନ ସୁହାଗପୁରା ଉପକଣ୍ଠ ଗୁହାଳଡ଼ିହି ଗ୍ରାମର ସ୍ୱର୍ଗତ ଗଣେଶ୍ୱର ବେହେରାଙ୍କ ପୁଅ ଦେବବ୍ରତ ବେହେରାଙ୍କର ବୋଲି ଜଣାପଡିଥିଲା କ୍ଷ ଏଣେ ମୋବାଇଲ ହଜିବାପରେ ବ୍ୟସ୍ତବିବ୍ରତ ହୋଇ ଖୋଜାଖୋଜି



ଆରମ୍ଭ କରିଥିଲେ କ୍ଷ ଆଉ ଅନ୍ୟ ଏକ ଫୋନ ନମ୍ବରରୁ ଦେବବ୍ରତ କଲ କରିବା ପରେ ଶିକ୍ଷାବିତ କମଳାକାନ୍ତ କବାଟ ମୋବାଇଲ ପାଇଥିବା ନେଇ ଜଣାଇଥିଲେ କ୍ଷ ଶେଷରେ ଦେ୍ୱବ୍ରତ ବେତନଟୀରେ ପହଞ୍ଚି କମଳାକାନ୍ତ କବାଟଙ୍କ ନିକଟରୁ ନିଜର ହଜିଥିବା ମୋବାଇଲ ଫେରି ପାଇଲେ କ୍ଷ ଦେବବ୍ରତ କମଳାକାନ୍ତ କବାଟଙ୍କୁ କୃତଜ୍ଞତା ଜଣାଇଥିବା ବେଳେ ଆଜି ଭଳି ସମୟରେ ଲୋଭର ବଶବର୍ତ୍ତୀ ନହୋଇ ସଚ୍ଚୋଟତାର ସହିତ ମୂଲ୍ୟବାନ ସ୍ମାର୍ଟଫୋନ ଫେରାଇ ଥିବାରୁ କମଳାକାନ୍ତଙ୍କ ନିକଟକୁ ବିଭିନ୍ନ ମହଲରୁ ଛୁଟିଛି ଶୁଭେଚ୍ଛାର ସୁଅ ।

## ଚୋରା ବାଲି ଚାଲାଣରେ ୪ ହାଇୱା ଜବତ

ତାଳଚେର,(ପି.ଏନ): ପରଜଙ୍ଗ ଅଞ୍ଚଳରୁ ଚୋରାରେ ତାଳଚେର ଥର୍ମାଲକୁ ବାଲି ଚାଲାଣ ହେଉଥିବାବେଳେ ଆଜି ସକାଳୁ ଖଣି ଉପ ନିର୍ଦ୍ଦେଶକଙ୍କ ଟିମ୍ ଓ ତାଳଚେର ପୁଲିସ ମିଳିତ ଭାବେ ଏଥିରେ ସଂପୃକ୍ତ ୪ ଟି ହାଇୱାକୁ ଜବତ କରିଥିବାବେଳେ ଗାଡ଼ି ଗୁଡିକରୁ ଫାଇନ କରାଯିବାପାଇଁ ଗାଡ଼ି ଗୁଡ଼ିକୁ ଖଣି ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟକୁ ଅଣାଯାଇଥିବାବେଳେ ଏନେଇ କେହି ଗିରଫ ହୋଇନଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ପରଜଙ୍ଗ ଓ ଓଡ଼ାପଡ଼ା ଆଦି ଅଞ୍ଚଳରୁ ବହୁ ଚୋରା ବାଲି ଗାଡ଼ି ତାଳଚେର ଆସୁଥିବାବେଳେ ବିଭିନ୍ନ ସମୟରେ ତାଳଚେର ଓ କୋଲିୟାରୀ ପୁଲିସ ସେଗୁଡିକୁ ଜବତ କରି ଡ୍ରାଇଭରଙ୍କୁ ଗିରଫ କରୁଛନ୍ତି । ମାତ୍ର ଖଣି ଉପ ନିର୍ଦ୍ଦେଶକ ସ୍କ୍ୱାର୍ଡ ଚୋରା ବାଲି ଚାଲାଣ ରୋକିବାକୁ ଗଠିତ ହୋଇଥିବାବେଳେ ତାଳଚେରରେ ବହୁ ମାତ୍ରାରେ କିପରି ଚୋରା ବାଲି ଚାଲାଣ ହୋଇପାରୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି । ସ୍ଥାନୀୟ



କେତେକ ଘାଟର ନବୀକରଣ ହୋଇନଥିବାରୁ ଏହାର ସୁଯୋଗ ନେଇ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଘାଟରୁ ବେଧଡକ ଚୋରା ବାଲି ଚାଲାଣ ପ୍ରତ୍ୟେକ ଦିନ ହେଉଥିବା ଅଭିଯୋଗ ହେଉଛି । ଫଳରେ ଚୋରା ବାଲି ଚାଲାଣକାରୀ ମାନେ ଏଥିରେ ମାଲାମାଲ ହେଉଥିବାବେଳେ ସାଧାରଣ ଲୋକେ ଘର ନିର୍ମାଣ ପାଇଁ ବହୁ ଉଚ୍ଚ ଦରରେ ବାଲି କିଣୁଥିବା ଅଭିଯୋଗ ହେଉଛି । ଖଣି ଉପ ନିର୍ଦ୍ଦେଶକ ସ୍କ୍ୱାର୍ଡ କେବଳ ଧର୍ମକୁ ଆଖିଠାର ସଦୃଶ ଚଢାଉ କରୁଥିବାବେଳେ ଚୋରା ବାଲି ଚାଲାଣ କିନ୍ତୁ ସମ୍ପୂର୍ଣ୍ଣ ବନ୍ଦ ହୋଇପାରୁଥିବା ଅଭିଯୋଗ ହେଉଛି ।

## ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ପୁରାତନ ଛାତ୍ର ବନ୍ଧୁମିଳନ ସମାରୋହ

ସୋର,(ପି.ଏନ): ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ୧୯୮୭ରୁ ୧୯୯୦ ମସିହାରେ ଅଧ୍ୟୟନ ରତ ପୁରାତନ ବନ୍ଧୁ ମାନଙ୍କୁ ନେଇ ମହାବିଦ୍ୟାଳୟ ପରିସରରେ ଦ୍ୱିତୀୟ ବାର୍ଷିକ ବନ୍ଧୁମିଳନ ସମାରୋହ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି ।ମହା ବିଦ୍ୟାଳୟର ଅଧକ୍ଷ ଗଜେନ୍ଦ୍ର କୁମାର ପ୍ରଧାନ ଏବଂ ପ୍ରାକ୍ତନ ଅଧ୍ୟାପକ ନେତ୍ରାନନ୍ଦ ରାଉତଙ୍କ ଦ୍ୱାରା ରାଧାନାଥ ରାୟ ଏବଂ ପ୍ରତିଷ୍ଠାତା ଉପେନ୍ଦ୍ରନାଥ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ ଓ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।ସଭା କାର୍ଯ୍ୟ ପ୍ରାରମ୍ଭରେ ସ୍ୱର୍ଗତଃ ଛାତ୍ର-ବନ୍ଧୁ ମାନଙ୍କ ଉଦେଶ୍ୟରେ ନିରବ ପ୍ରାର୍ଥନା କରା ଯାଇଥିଲା । ଛାତ୍ର ବନ୍ଧୁ ସ୍ୱର୍ଗତଃ ବସନ୍ତ କୁମାର ପାତ୍ର ଏବଂ ଛାତ୍ରବନ୍ଧୁ ଅମୀୟ ଶତପଥିଙ୍କ ଧର୍ମପତ୍ନୀ ସ୍ୱର୍ଗତଃ ପୂର୍ଣ୍ଣିମା ଶତପଥିଙ୍କର ଫଟୋଚିତ୍ର ଛାତ୍ର ବନ୍ଧୁ ଡାକ୍ତର ଧୀରେଶ କୁମାର ଷଡ଼ଙ୍ଗୀ ଓ ଗୁରୁଦାସ ପ୍ରଧାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଏଥି ସହିତ ସ୍ୱର୍ଗତଃ ବସନ୍ତ ପାତ୍ରଙ୍କ ପତ୍ନୀ ଏବଂ ସ୍ୱର୍ଗତଃ ପୂର୍ଣ୍ଣିମା ଶତପଥି ଙ୍କ ସ୍ୱାମୀଙ୍କୁ ଶାଢ଼ୀ ଓ ସାଲ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ମାନ୍ୟବର ଅଧକ୍ଷ ଏବଂ ସଭାପତି ବନମାଳୀ ବାରିକଙ୍କ ସମ୍ୟକ ଅଭିଭାଷଣ ପରେ ପ୍ରାରମ୍ଭିକ ସଙ୍ଗୀତ, ସ୍ମୃତି ସଙ୍ଗୀତ



ଗାନ ଏବଂ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରାଯାଇଥିଲା ।ବନ୍ଧୁମାନଙ୍କ ଦ୍ୱାରା ସ୍ୱ ସ୍ୱ ପରିଚୟ ପ୍ରଦାନ ପରେ ବନ୍ଧୁମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।ନାଚ ଗୀତର ତାଳେତାଳେ ବନ୍ଧୁମାନେ ଖୁସି ମନାଇବା ସହିତ ୫୫/ ୫୬ ବର୍ଷ ବୟସରେ ବି ନିଜର ହୃତ ବାଲ୍ୟ ଚପଳତା କୁ ଫେରିପାଇବାର ଭାବକୁ ପରଷି ଭାବମୟ ନିଆରା ପରିବେଶ ସୃଷ୍ଟି କରିଥିଲେ ।ମୁଖ୍ୟ ଉଦ୍ୟକ୍ତା ପ୍ରମୋଦ କୁମାର ଦାସ, ବିନୟ କୁମାର ରଣା, ଉମାକାନ୍ତ ମିଶ୍ର, ରତିକାନ୍ତ ମହାନ୍ତି(ମାନୁ), ନିଗମାନନ୍ଦ, ସୁଧାକର,ଦିଲ୍ଲୀପ ରଥ,ସୁଶାନ୍ତ ପଣ୍ଡା, ଉଜ୍ୱଳ ସାହୁ,ନିରଞ୍ଜନ ପଣ୍ଡା, ମନୋଜ ରାଉତ, ଗୋକୁଳାନନ୍ଦ ଦଳେଇ, ଅଜିତ ଦାସ ସହିତ ସମସ୍ତ ଛାତ୍ରବନ୍ଧୁ/ ବାନ୍ଧବୀ ମାନଙ୍କ ସାହାଯ୍ୟ ଓ ସହଯୋଗ ଆୟୋଜନକୁ ସଫଳ ରୂପ ଦେଇଥିଲା । ଅପରାହ୍ନ ୪ ଘଟିକାରେ ସଭା ଭଙ୍ଗ ସହିତ ଏକ ଆପତକାଳୀନ ସହାୟକ ପାଣ୍ଠି ଗଠନ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା ।

## ସତ୍ତା ସାହିତ୍ୟ ସଂସଦ କୋରାପୁଟ ତରଫରୁ ବର୍ଷାନ୍ତ ସାହିତ୍ୟ ଆସର ଅନୁଷ୍ଠିତ

ଜୟପୁର,(ପି.ଏନ): କୋରାପୁଟ ଆଦିବାସୀ ସଂଗ୍ରାଳୟ ଠାରେ ସତ୍ତା ସାହିତ୍ୟ ସଂସଦ ର ସଭାପତି ଜଳଧର ସ୍ୱାଇଁ ଙ୍କ ଅଧକ୍ଷତା ରେ ଆୟୋଜିତ ସତ୍ତା ସହିତ ସଂସଦ ର ବର୍ଷାନ୍ତ ସାହିତ୍ୟ କାର୍ଯ୍ୟକ୍ରମ




ରେ ପ୍ରଥମ ଅଧିବେଶନ ରେ ମୁଖ୍ୟ ଅତିଥି ଭାବେ ପଦ୍ମନାଭ ସେଠି, ସଂମ୍ମାନିତ ଅତିଥି ଜଗବନ୍ଧୁ ସାମଲ,ମୁଖ୍ୟ ବକ୍ତା ବିଜୟ ଉପାଧ୍ୟାୟ,ମଞ୍ଚ ପରିଚାଳନା ରବି ଶତପଥି କରିଥିବା ବେଳେ ଦ୍ୱିତୀୟ ଅଧିବେଶନ ରେ ମହାଦେବ ଶତପଥି, ସମାଲୋଚକ ଶ୍ରୀଧର ପରିଡା, ସଂମ୍ମାନିତ ଅତିଥି ଭାବେ ଚକ୍ରଧର ପାଣି ପରିଛା, କବିତା ସଂଯୋଜନା ଶ୍ରୀମତୀ ସ୍ୱାତି ଚାଟାର୍ଜି, ଅଶୋକ ମହାନ୍ତି ଯୋଗ ଦେଇଥିବା ବେଳେ ସୋମେନ୍ଦ୍ର କୁମାର ସ୍ୱାଇଁ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ବର୍ଷର ଶେଷ ସାହିତ୍ୟ ଆସର ହୋଇଥିବାରୁ କବି ଓ କବୟିତ୍ରୀ ଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବା ପାଇଁ ମିଳିଥିଲା କ୍ଷ ବିଭିନ୍ନ ଅଞ୍ଚଳ ରୁ ଆସିଥିବା କବି ଓ କବୟିତ୍ରୀ ମାନେ ନିଜ ନିଜର କବିତା ପାଠ କରିଥିଲେ କ୍ଷ କବିତା ହେଉଛି ଏକ ଅନନ୍ୟ ଓ ଅସରନ୍ତି କ୍ଷ ଜଣେ କବି ଯେତେବେଳେ କବିତା ଲେଖିବା ବା ପଢିବା ଆରମ୍ଭ କରେ ତାର କବିତା ର ଅନ୍ତ କେବେ ସରେ ନାହିଁ । ବର୍ଷ ର ଶେଷ କବିତା ହୋଇଥିବାରୁ ଦୂର ଦୁରାନ୍ତ ରୁ ଆସିଥିବା କବି ଓ କବୟିତ୍ରୀ ମାନେ କବିତା ଆସର ରେ ମନ ଖୁସିରେ ନିଜର ଶେଷ କବିତା ପାଠ କରିଥିଲେ ।

## ଅବିଭକ୍ତ କୋରାପୁଟ ଜିଲ୍ଲା ବ୍ରାହ୍ମଣ ସମାଜର ନୂତନ ବାର୍ଷିକ କ୍ୟାଲେଣ୍ଡର ଉନ୍ମୋଚିତ



ଜୟପୁର,(ପି.ଏନ): କୋରାପୁଟ ଜିଲ୍ଲା ଜୟପୁର ରେ ପ୍ରତ୍ୟେକ ବର୍ଷ ପରି ଆଜି ପୌଷ ଶୁକ୍ଳ ପ୍ରତିପଦା ରେ ୨୦୨୫ ଇଂରାଜୀ ନୂତନ ବର୍ଷର କ୍ୟାଲେଣ୍ଡର, ଜୟପୁରରେ ଶ୍ରୀ ଜଗନ୍ନାଥଙ୍କୁ ମନ୍ଦିରରେ ଅର୍ପଣ ପରେ ଉନ୍ମୋଚିତ ହୋଇଥିଲା । ଏହି ଅବସରରେ, ମା ଭଗବତୀ, ବଲ୍ଲଭ ନାରାୟଣ, ରଘୁନାଥଙ୍କୁ ସମର୍ପଣ କରି ସମାଜ ଓ ବିଶ୍ୱ କଲ୍ୟାଣ କାମନା କରାଯାଇ ଥିଲା । ଏହି କାର୍ଯ୍ୟକ୍ରମ ରେ ସମାଜର ସର୍ବଶ୍ରୀ ନରସିଂହ ପ୍ରସାଦ ମିଶ୍ର, ଶରତ ଚନ୍ଦ୍ର ଖଡଗ ରୟ, ବିନୋଦ ମହାପାତ୍ର, ରମେଶ ତ୍ରିପାଠୀ, କିଶୋର ପଣ୍ଡା, ବିଜୟ ଭଟ୍ଟ, ଭବାନୀ ଆଚାର୍ଯ୍ୟ, ସାନ ଚୌଧୁରୀ, ମୁଦି ହୋତା, ନବକୃଷ୍ଣ ରଥ ପ୍ରମୁଖ ଉପ ସ୍ଥିତ ଥିଲେ ।

## ବିଦ୍ୟୁତ ବିଭାଗର ଦାଦାଗିରି, ହାତୁଡ଼ିରେ ଭାଙ୍ଗିଲେ ବିଦ୍ୟୁତ ମିଟର, ଉତ୍ତେଜନା ପରେ ପୁଣି ଭଙ୍ଗା ମିଟର ଲଗାଇଲା ବିଭାଗ

ସୋର,(ପି.ଏନ): ବିଦ୍ୟୁତ ବିଭାଗର ଅବ୍ୟବ୍ୟସ୍ଥା ଦିନକୁ ଦିନ ଲୋକଲୋଚନକୁ ଆସୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦୌରାତ୍ମ୍ୟ ଓ ଦାଦାଗିରି ବଢ଼ିବାରେ ଲାଗିଛି । ଏହାର ଏକ ନମୁନା ଆଜି ସୋର ପୌର ପାଳିକା ଅନ୍ତର୍ଗତ ଆଶ୍ରମଛକ ନିକଟରେ ଦେଖିବାକୁ ମିଳିଛି । ଦୋକାନ ମାଲିକଙ୍କୁ କିଛି ନଜଣାଇ ଦୋକାନ ଘର ଗୁଡିକରେ ଲାଗିଥିବା ପୁରୁଣା ମିଟରକୁ ଭାଙ୍ଗି ସେହିସ୍ଥନରେ ସ୍ମାର୍ଟ ମିଟର ଲଗାଯାଇଛି । ଅଭିଯୋଗ ଅନୁସାରେ ଏହି ଛକ ନିକଟରେ ଘର ଭଡା ନେଇ ଉତ୍କଳଜିତ ମହାନ୍ତି ଓ ବିଜୟ ଶର୍ମା ତେଜରାତି ଦୋକାନ କରିଥିବା ବେଳେ ପ୍ରିତମ ନାୟକ ଏଲଆଇସିର ଏକ ପ୍ରିମିୟମ କଲେକ୍ସନ କାର୍ଯ୍ୟାଳୟ କରିଛନ୍ତି । ଉକ୍ତ ଦୋକାନ ଘରେ ଦୋକାନୀ ମାନେ ନିଜସ୍ୱ ଖର୍ଚ୍ଚରେ ବିଦ୍ୟୁତ ମିଟର ଲଗାଇଥିଲେ । କିନ୍ତୁ ଆଜି ସକାଳେ ସୋର ଟିପିଏନଓଡିଏଲର କର୍ମଚାରୀ ମାନେ ସେଠାରେ ପହଞ୍ଚି ପୂର୍ବ ସୂଚନା ନଦେଇ ହଠାତ ଦୋକାନ ନିକଟରେ ପହଁଚି ପୁରୁଣା



ମିଟର ଗୁଡିକୁ ହାତୁଡ଼ିରେ ପିଟି ଭାଙ୍ଗିବା ସହିତ ନୂଆ ସ୍ମାର୍ଟ ମିଟର ଲଗାଇଥିଲେ ।ଏ ବାବଦରେ ଦୋକାନ ମାଲିକ ମାନେ ଅଭିଯୋଗ କରିବା ପରେ ଉତ୍ତେଜନା ଦେଖାଦେଇଥିଲା ।ଦୋକାନୀ ମାନେ କର୍ମଚାରୀଙ୍କୁ ଅର୍ଡର କପି ମାଗିବାରୁ ସେମାନଙ୍କ ନିକଟରେ ଏହା ନ ଥିବା କହିଥିଲେ ।ଖବରପାଇ ବିଦ୍ୟୁତ ବିଭାଗର ଉପରିସ୍ଥ କର୍ମଚାରୀ ମାନେ ସେଠାରେ ପହଞ୍ଚି ଭଙ୍ଗା ମିଟରକୁ ଯାଞ୍ଚ କରି ମିଟର ଠିକ ଥିବା ଜଣାଇଥିଲେ ଏବଂ ଭୁଲ ସ୍ୱୀକାର କରିଥିଲେ ।ଦୋକାନୀ ମାନେ ଉକ୍ତ ପୁରୁଣା ମିଟର ଲଗାଇବାକୁ ଜିଦ ଧରିଥିଲେ ।କର୍ମଚାରୀ ମାନେ ବାଧ ହୋଇ ନୂଆ ମିଟର ଖୋଲି ପୁରୁଣା ମିଟର ଲଗାଇଥିଲେ ।ତେବେ ଏଠାରେ ପ୍ରଶ୍ନ ଉଠୁଛି କାହା ନିର୍ଦ୍ଦେଶରେ କର୍ମଚାରୀ ମାନେ ପୁରୁଣା ମିଟରକୁ ଭାଙ୍ଗିଥିଲେ, ଏ ବାବଦରେ ତାଙ୍କ ନିକଟରେ ନିର୍ଦ୍ଧେଶନାମା ଥିଲାକି ନାହିଁ ତାହା ତଦନ୍ତ ସାପେକ୍ଷ । ତାଛଡା କାହାକୁ କିଛି ନ ଜଣାଇ ବିନା ନୋଟିସରେ ମିଟର ଗୁଡିକୁ ହାତୁଡ଼ିରେ ଭାଙ୍ଗିବା ବିଦ୍ୟୁତ ବିଭାଗ ତଥା ଟିପିଏନଓଡିଏଲର ଦାଦାଗିରି ନୁହଁକି.. ? ତେବେ ବିଭାଗର ଏ ଭଳି କାର୍ଯ୍ୟକୁ ସହରର ବୁଦ୍ଧିଜୀବି ମାନେ ନିନ୍ଦା କରିବା ସହିତ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଛନ୍ତି ।

## ଶିକ୍ଷକ ଭବନରେ ଉପେନ୍ଦ୍ର ସମାରୋହ ୨୦୨୪ ଅନୁଷ୍ଠିତ

ସୋର,(ପି.ଏନ): ସୋର ପୌରପାଳିକା ଅନ୍ତର୍ଗତ ଶିକ୍ଷକ ଭବନ ଠାରେ ଉପେନ୍ଦ୍ରନାଥ ପ୍ରଧାନ ସ୍ମୃତି ପରିଷଦ ଆନୁକୂଲ୍ୟରେ ' ଉପେନ୍ଦ୍ର ସମାରୋହ ୨୦୨୪'' ପରିଷଦର ସଭାପତି ଖଗନ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବର୍ଣ୍ଣାଢ୍ୟ ସଭାରେ ଓଡ଼ିଶାର ବିଶିଷ୍ଟ ସମାଜସେବୀ ଶ୍ରୀ ଲିଙ୍ଗରାଜ ଉପେନ୍ଦ୍ରନାଥଙ୍କ ଅବଦାନର ଉଚ୍ଚ ପ୍ରଶଂସା କରିବା ସହ ଶିକ୍ଷା ଓ ସ୍ୱାସ୍ଥ୍ୟର ଦ୍ରୁତ ବ୍ୟବସାୟୀ କରଣ ନେଇ ଆମମାନଙ୍କ ନୀରବତା ଭବିଷ୍ୟତରେ ଏ ଜାତିକୁ ବହୁ ମୂଲ୍ୟ ଦେବାକୁ ପଡିବ ବୋଲି ସତର୍କ କରାଇ ଦେଇଥିଲେ । ଅନ୍ୟତମ ବରେଣ୍ୟ ଅତିଥି ବିଶିଷ୍ଟ ପ୍ରତ୍ନତାତ୍ତ୍ୱିକ ଗବେଷକ ଅନୀଲ ଧୀର ପ୍ରତ୍ନତାତ୍ତ୍ୱିକ ଓ ଐତିହାସିକ କୀର୍ତ୍ତିରାଜି ମାନଙ୍କର ଆମେ ଯଦି ଉଚିତ ସମୟରେ ସୁରକ୍ଷା ନ କରିବା ଓ ଉତ୍ତରପିଢୀକୁ ଗବେଷଣାତ୍ମକ ତଥ୍ୟ ନ ଜଣାଇବା ତେବେ ଖୁବ୍ ଶୀଘ୍ର ଓଡ଼ିଆ ଜାତିର ଅସ୍ତିତ୍ୱ ଲୋପ ପାଇଯିବ ବୋଲି କହିଥିଲେ । ଉପେନ୍ଦ୍ରନାଥଙ୍କ ପରିବାର ସଦସ୍ୟ ଭାବେ ବସନ୍ତ କୁମାର ପ୍ରଧାନ ବକ୍ତବ୍ୟ ରଖିଥିବା ବେଳେ ପ୍ରାକ୍ତନ ଅଧ୍ୟକ୍ଷ ଅଭୟ କୁମାର ମଲ୍ଲିକ ଉପେନ୍ଦ୍ରଙ୍କ ସହ ନିଜର ଅନୁଭୂତି ପ୍ରକାଶ କରିଥିଲେ । ଏହି ଅବସରରେ ୨୦୨୪ମସିହା ଲାଗି ଉପେନ୍ଦ୍ରନାଥ ସମ୍ମାନ ସୁରେନ୍ଦ୍ରନାଥ ବାରିକଙ୍କୁ ପ୍ରଦାନ କରାଯାଇଥିଲା । ଉପେନ୍ଦ୍ରନାଥ ସ୍ମାରକୀ ଅନ୍ତଃବିଦ୍ୟାଳୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାର ଚମ୍ପିୟାନ ଟ୍ରଫି ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲ,ସୋର ଓ ରନର୍ସ ଅପ୍ ଭାବେ ଉପେନ୍ଦ୍ରନାଥ ଏକାଡେମୀ, ଖିରକୋଣା କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ ଅମରେନ୍ଦ୍ର ନନ୍ଦ । ଧୀରେନ୍ଦ୍ର କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ ।

## ଚାରି ବିଦ୍ୟାର୍ଥୀଙ୍କୁ ଛୁରି ଦେଖାଇ ମୋବାଇଲ ଲୁଟ୍

ଜୟପୁର,(ପି.ଏନ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ସ୍ଥାନୀୟ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ରେ +୨ ବାଣିଜ୍ୟ ରେ ପ୍ରଥମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଅଂଶୁମାନ ମିଶ୍ର ଏବଂ ସାଙ୍ଗ ମାନେ ଜଗଦୀଶ ହରିଜନ, ସତ୍ୟଜିତ ଚୌଧୁରୀ, ଆଲୋକ ସାଗର କଲେଜକୁ ଲାଗି ନିକଟରେ ଥିବା ପାହାଡ ପଟେ ବୁଲିବାକୁ ଯିବା ସମୟରେ କିଛି ଦୁର୍ବୃତ ଛୁରି ଦେଖାଇ ସେମାନଙ୍କ ଠାରୁ ତଥା ଏହି ଚାରି ଜଣଙ୍କ ଠାରୁ ମୋବାଇଲ ଫୋନ ଟାଣି ନେଇଥିବା ବେଳେ ଜଣକଠୁ ୧୦୦ ଟଙ୍କା ମଧ ନେଇଥିବା ଅଭିଯୋଗ ନେଇ ଆଜି ଜୟପୁର ଟାଉନ୍ ଥାନାରେ ଏତଲା ଦେଇଛନ୍ତି ଚାରିଜଣ ଛାତ୍ର । ତେବେ ପୋଲିସ ଛାତ୍ର ଏତଲାକୁ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି ।

## ଷଣ୍ଢକୁ ଧକା ଦେଇ ସିକ୍ୟୁରିଟି ଗାର୍ଡ ଗୁରୁତର

ସୋର,(ପି.ଏନ) ସୋର ଥାନା ଶିରାପୁର ନିକଟରେ ଆଜି ସନ୍ଧ୍ୟାରେ ଷଣ୍ଢକୁ ଧକା ଦେଇ ଜଣେ ବାଇକ ଚାଳକ ଗୁରୁତର ଆହତ ହୋଇ ପ୍ରଥମେ ସୋର ଏବଂ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଛନ୍ତି । ବାଲିକିତିରଣ ଗ୍ରାମର ସଂଜିତ ପ୍ରଧାନ (୭୦) କାମୁଣ୍ଡାରିରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରନ୍ତି ।

## ସୁଦାମ ପଟ୍ଟନାୟକ ହିଞ୍ଜିଳିକାଟୁ ବ୍ଲକ ସଭାପତି ମନୋନୀତ

ବ୍ରହ୍ମପୁର, (ପି.ଏନ): କଳା ଓ କଳାକାର ହିତୈଷୀ ମହାମଞ୍ଚ 'ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ'ର ବର୍ଷାନ୍ତ ସମାବେଶ ବ୍ରହ୍ମପୁର ଉପକଣ୍ଠ ସ୍ଥିତ ଶିଖରପୁର ଶୈବକାଳୀ ପୀଠ ପରିସରରେ ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସର୍ବଶ୍ରୀ ସୁଦାମ ପଟ୍ଟନାୟକ, ଶଙ୍କର୍ଷଣ ସାବତ, ଯୁଦ୍ଧିଷ୍ଠିର ଗୌଡ଼, ବାବୁ ମହାନ୍ତି, ସୁବାସ ଭୂୟାଁ, ପ୍ରମୁଖ ମଂଚାସୀନ ଅତିଥି ଭାବେ ଯୋଗଦେଇ ସଂଘର କାର୍ଯ୍ୟାଧାରା ଅତୀବ ମହାର୍ହ ବୋଲି ଉପସ୍ଥାପନ କରିଥିଲେ । ଏହି ଅବସରରେ ହିଞ୍ଜିଳିକାଟୁ ବ୍ଲକ ବରିଷ୍ଠ କଳାକାର ସଂଘର ସଭାପତି ରୂପେ ସୁନାମଧନ୍ୟ ନାଟ୍ୟ ନିର୍ଦ୍ଦେଶକ ସୁଦାମ ଚରଣ ପଟ୍ଟନାୟକଙ୍କୁ ସର୍ବସମ୍ମତ କ୍ରମେ ସଭାପତି ରୂପେ ଚୟିତ କରାଯିବା ସହ ଅନ୍ୟାନ୍ୟ ଅସଂଗଠିତ ବ୍ଲକରେ ସଂଘଶାଖା ପ୍ରତିଷ୍ଠା ନିମନ୍ତେ ତତ୍ପରତା ପ୍ରକାଶ ପାଇଥିଲା । ତତ୍ ସହିତ ଜିଲ୍ଲାର ବିଭିନ୍ନ ବ୍ଲକ ଅଂଚଳରେ କଳାକାର ଭତ୍ତା ଓ ସଂଗଠନରେ ସାମିଲ କରିବା ଆଳରେ କିଛି ସଂସ୍ଥା ଓ ବ୍ୟକ୍ତିବିଶେଷ ଗ୍ରାମୀଣ କଳାକାରଙ୍କୁ ଶୋଷଣ କରୁଥିବା ନେଇ ଉଦବେଗ ପ୍ରକାଶ ପାଇବା ସହ ପ୍ରତିକାର ନିମନ୍ତେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ ନେଇ ସ୍ଥିର କରାଗଲା । ସଙ୍ଘ ସହ ସମ୍ପାଦକ ବଳଦେବ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍ ବର୍ଷାନ୍ତ କାର୍ଯ୍ୟକ୍ରମ ହେତୁ ଇଂରାଜୀ ନୂତନ ବର୍ଷ ୨୦୨୫ ନିମନ୍ତେ ଜଗତ୍କଲ୍ୟାଣ ସହ ଜଗତ ବାସୀଙ୍କ ମଙ୍ଗଳ କାମନା କରିଥିଲେ ।

**Affidavit**

By Virtue of an affidavit swom before executive Magistrate, Berhmpur, Ganjam, dated 10.02.2025 I, Smt S. Minati Reddy, age 26 years, W/o- Sala Kali Reddy, At- Srinagar, Po-Goilundi, PS- B.N.Pur, Berhampur, Dist- Ganjam declare that I have changed my name Minati Pradhan, D/o. Debendra Pradhan. Henceforth, I shall be known as Minati Pradhan for all purposes.

**Minati Pradhan**

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Saturday February 15 ଭୁବନେଶ୍ୱର ଶନିବାର, ଫେବୃଆରୀ ୧୫,୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ପବ୍ଲିକ ସେକ୍ଟରର ଅଣ୍ଡରଟେକିଙ୍ଗ୍‌ଗୁଡ଼ିକ ସ୍ୱଚ୍ଛତା ବଜାୟ ରଖିବା ସହ ଜନସାଧାରଣଙ୍କ ସମ୍ମୁଖରେ ନିଜର ବିଶ୍ୱସନୀୟତା ବୃଦ୍ଧି କରନ୍ତୁ : ରାଜ୍ୟପାଳ



ଭୁବନେଶ୍ୱର, (ପି.ଏନ): ପବ୍ଲିକ ସେକ୍ଟର ଅଣ୍ଡରଟେକିଙ୍ଗ୍ (ପିଏସ୍‌ୟୁ)ଗୁଡ଼ିକ ସ୍ୱଚ୍ଛତା ବଜାୟ ରଖିବା ସହ ଜନସାଧାରଣଙ୍କ ସମ୍ମୁଖରେ ନିଜର ବିଶ୍ୱସନୀୟତା ବୃଦ୍ଧି କରନ୍ତୁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଛନ୍ତି। ଆଜି ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ରାଜ୍ୟର ସମସ୍ତ ପିଏସ୍‌ୟୁ / କମ୍ପାନୀମାନଙ୍କର କାର୍ଯ୍ୟଧାରା ସମୀକ୍ଷା କରିବା ଅବସରରେ ରାଜ୍ୟପାଳ କହିଥିଲେ ଯେ, ପିଏସ୍‌ୟୁଗୁଡ଼ିକ ରାଜ୍ୟ ଅର୍ଥନୀତିର ମେରୁଦଣ୍ଡ। ପିଏସ୍‌ୟୁ / କମ୍ପାନୀଗୁଡ଼ିକର ପ୍ରାଥମିକ କର୍ତ୍ତବ୍ୟ ହେଉଛି ସାଧାରଣ ସମ୍ପଳ ପରିଚାଳନାରେ ସ୍ୱଚ୍ଛତା, ଦକ୍ଷତା ଏବଂ ଆର୍ଥିକ ଶୃଙ୍ଖଳା ବଜାୟ ରଖିବା। ସଠିକ୍ ଭାବରେ କାର୍ଯ୍ୟକ୍ଷମ ପିଏସ୍‌ୟୁଗୁଡ଼ିକ କେବଳ କମ୍ପାନୀର ମୂଲ୍ୟ ବୃଦ୍ଧି କରନ୍ତି ନାହିଁ ବରଂ ରାଜ୍ୟର ସମ୍ପତ୍ତି ମଧ୍ୟ ବୃଦ୍ଧି କରନ୍ତି। ନିର୍ଦ୍ଧାରିତ ସମୟରେ ଅଡିଟ୍ କରାଇବା, ଅଡିଟ୍ ରିପୋର୍ଟ ଦାଖଲ କରି ଜନସାଧାରଣଙ୍କୁ ସେମାନଙ୍କର ଉତ୍ତରଦାୟିତ୍ୱ ଦେଖାଇବା ଏବଂ ଜନସାଧାରଣଙ୍କ ଆଗରେ ସେମାନଙ୍କର ସମ୍ମାନ ଏବଂ ବିଶ୍ୱସନୀୟତା ବୃଦ୍ଧି କରିବା ସେମାନଙ୍କର କର୍ତ୍ତବ୍ୟବୋଲି ରାଜ୍ୟପାଳ ଡ. କମ୍ଭମ୍‌ପାଟି କହିଛନ୍ତି। ଅନେକ ରାଜ୍ୟ ସରକାର ଅଧିନସ୍ଥ ପିଏସ୍‌ୟୁ /କମ୍ପାନୀ ବାର୍ଷିକ ସାଧାରଣ ବୈଠକ କରୁନାହାନ୍ତି କିମ୍ବା ବାର୍ଷିକ ହିସାବ ଚୂଡ଼ାନ୍ତ କରୁନାହାନ୍ତି। ଏ ପ୍ରସଂଗରେ ରାଜ୍ୟପାଳ ଗଭୀର ଉଦ୍‌ବେଗ ପ୍ରକାଶ କରି ଏହାକୁ କର୍ପୋରେଟ୍ ଶାସନ ନୀତିର ଉଲ୍ଲଂଘନ ବୋଲି କହିଥିଲେ ଏବଂ ପିଏସ୍‌ୟୁ / କମ୍ପାନୀମାନେ ବାର୍ଷିକ ସାଧାରଣ ବୈଠକ କରିବା ସହିତ ପରବର୍ତ୍ତୀ ଆର୍ଥିକ ବର୍ଷର ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ବାର୍ଷିକ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିରନ୍ତର କ୍ଷତି ସହୁଥିବା ଏବଂ ଅଚଳ ହୋଇପଡ଼ିଥିବା ପିଏସ୍‌ୟୁ/କମ୍ପାନୀଗୁଡ଼ିକର ସ୍ଥିତି ସମୀକ୍ଷା କରି ପୁନଃ କାର୍ଯ୍ୟକ୍ଷମ କରିବା କିମ୍ବା ବନ୍ଦ କରିବା ଉପରେ ସୁଚିନ୍ତିତ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ପିଏସ୍‌ୟୁ /କମ୍ପାନୀଗୁଡ଼ିକର ଅଡ଼ିଟ୍ ଏବଂ ଅଡ଼ିଟ୍ ରିପୋର୍ଟ ଦାଖଲର ସମୟସୀମା ଅନୁପାଳନ ଉପରେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ପ୍ରମୁଖ ଆକାଉଂଟାଂଟ ଜେନେରାଲଙ୍କୁ ପରାମର୍ଶ ଦେଇଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ପିଏସ୍‌ୟୁ /କମ୍ପାନୀମାନଙ୍କର ଉଦ୍ୟୋଗଗୁଡ଼ିକୁ ପୁନରୁଦ୍ଧାର କରିବା, ଉତ୍କର୍ଷତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଏବଂ ଓଡ଼ିଶାର ଆର୍ଥିକ ବିକାଶରେ ଏକ ଦୃଢ଼ସ୍ତମ୍ଭ ଭାବରେ ଉଭା କରାଇବା ଦିଗରେ ଏକ ପଦକ୍ଷେପ ହେବ ବୋଲି ରାଜ୍ୟପାଳ କହିଥିଲେ। ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ କେତେକ ପିଏସ୍‌ୟୁକୁ ମନୋନୀତ କରାଯାଇ ଷ୍ଟକ ମାର୍କେଟରେ ପଂଜୀକୃତ କରିବାକୁ ରାଜ୍ୟପାଳ ଗୁରୁତ୍ୱଆରୋପ କରିଥିଲେ। ଏହା ଦ୍ୱାରା ପିଏସ୍‌ୟୁମାନଙ୍କର ଉତ୍ତରଦାୟିତ୍ୱ ଓ କାର୍ଯ୍ୟଦକ୍ଷତା ବଢ଼ିବା ସହ ଆର୍ଥିକ ସ୍ଥିତି ସୁଦୃଢ଼ ହୋଇପାରିବ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନବିଏସ ରାଜପୁତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରିନସ୍‌ପାଲ ଆକାଉଂଟାଂଟ ଜେନେରାଲ ଡି. ସାହୁଙ୍କ ସମେତ ବରିଷ୍ଠ ଅଧିକାରୀ, ରାଜ୍ୟ ପିଏସୟୁଗୁଡ଼ିକର ମୁଖ୍ୟ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ। ସାଧାରଣ ଉଦ୍ୟୋଗ ବିଭାଗ ଅଧିନସ୍ଥ ପିଏସୟୁ ସମେତ ବିଭିନ୍ନ ବିଭାଗ ଅଧିନସ୍ଥ ନନ୍ ପିଏସୟୁ ଏବଂ ଅଣ କାର୍ଯ୍ୟକ୍ଷମ ପିଏସ୍‌ୟୁର କର୍ମକର୍ତ୍ତା ଏହି ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ।

# ସ୍ୱାମୀ ବିବେକାନନ୍ଦ ମେମୋରିଆଲ କ୍ଲବର ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



ପାରାଦୀପ,(ପି.ଏନ): ସ୍ୱାମୀ ବିବେକାନନ୍ଦ ମେମୋରିଆଲ କ୍ଲବ ଆନୁକୂଲ୍ୟରେ ଏହାର ୧୦ମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାରାଦୀପ ନେହେରୁବଙ୍ଗଳା ସ୍ଥିତ ପଡିଆରେ ଶୁକ୍ରବାର ଦିନ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ବିଶିଷ୍ଟ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟ ର ଶୁଭ ଉଦଘାଟନ କରିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବିଜେପି ସଭାପତି ତଥା ପରିଷଦ ସୁବ୍ରତ ପ୍ରଧାନ, ସ୍ଥାନୀୟ ପାରିଷଦ ଜୟନ୍ତୀ ମଦେଲୀ, ବରିଷ୍ଠ ସାମ୍ବାଦିକ ଶଶାଙ୍କ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭବେ ଯୋଗଦେଇଥିବା ବେଳେ ଅକ୍ଷୟ ସ୍ୱାଇଁ, ମଣ୍ଟୁ ବାରିକ ଓ ରଞ୍ଜିତ ରାୟ ଅତିଥି ଭାବେ ଉପସ୍ଥିତ ଥିଲେ କ୍ଷ ଚଳିତ ଫେବୃଆରୀ ୧୪ ରୁ ୨୩ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୦ ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୧୬ ଟି କ୍ରିକେଟ ଟିମ ଅଂଶଗ୍ରହଣ କରୁଛନ୍ତି ଏବଂ ଆସନ୍ତା ୨୩ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ କ୍ଷ ତେବେ ବନ୍ଦର ସହର ଠାରୁ ଦୂରରେ ଥିବା ନେହେରୁବଙ୍ଗଳା ଅଞ୍ଚଳବାସୀ ଙ୍କ ପାଇଁ ବିବେକାନନ୍ଦ ମେମୋରିଆଲ କ୍ଲବ ର ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ ବେଶ ମନୋରଞ୍ଜନ ର ଖୋରାକ ଯୋଗାଇବ ।

# ପାରାଦୀପ ବନ୍ଦର ଚିକିତ୍ସାଳୟରେ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ

ପାରାଦୀପ,(ପି.ଏନ): କର୍କଟ ରୋଗ ବା କ୍ୟାନ୍ସର ଏବଂ ଏହାର ନିରାକରଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ପାରାଦୀପ ବନ୍ଦର ପ୍ରାଧିକରଣ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୁରୁଷ ଓ ମହିଳା ମାନଙ୍କ ସାଧାରଣ କର୍କଟ ରୋଗ, ପ୍ରତିଷେଧକ ଟୀକା ଗ୍ରହଣ ଇତ୍ୟାଦି ସମ୍ପର୍କରେ ସଚେତନ କରାଯାଇଥିଲା କ୍ଷ କଟକ ର ଏଚ୍‌ସିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲ ଓ ପାରାଦୀପ ବନ୍ଦର ଚିକିତ୍ସାଳୟ ମିଳିତ ସହଯୋଗରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ ମହିଳା ମାନଙ୍କୁ ସ୍ତନ ଓ ଗର୍ଭାଶୟ କର୍କଟ ରୋଗ ର କାରଣ ଏବଂ ଏହାର ଯଥାଶୀଘ୍ର ଚିହ୍ନଟ ଏବଂ ଚିକିତ୍ସା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ବନ୍ଦର ଚିକିତ୍ସାଳୟ ର ମୁଖ୍ୟ ଚିକିତ୍ସାଧିକାରୀ ଡା. ବି.ବି.ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏପରି ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ଶିବାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



କେନ୍ଦ୍ରାପଡା,(ପ.ଏନ): କପାଳେଶ୍ୱର ଗ୍ରାମପ ାୟତର ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ପରିସରରେ ଥିବା ଶିବାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ପ୍ରତିଷ୍ଠାତା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ ବିଶିଷ୍ଟ ଅତିଥି, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟବକ୍ତା ଓ ଆଶ୍ରମର ଉପାଧ୍ୟକ୍ଷ ଡ. କାଳି ପ୍ରସନ୍ନ ଶତପଥୀ, ବିଦ୍ୟାମନ୍ଦିର ଅଧ୍ୟକ୍ଷ ଡ. ସୁରେନ୍ଦ୍ରନାଥ ଆଚାର୍ଯ୍ୟ ଓ ସମାଜସେବୀ ଅର୍ଚ୍ଚନା ଗୋଏଙ୍କା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ଉଦେଶ୍ୟରେ ବହୁ ଉପାଦେୟ ବକ୍ତବ୍ୟ ରଖିବା ସହ ସେମାନଙ୍କର ଉତ୍ତରତ୍ତୋର ଉନ୍ନତି କାମନା କରିଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଦାସଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାମନ୍ଦିରର ଗୁରୁଜୀ ଓ ଗୁରୁମା'ମାନଙ୍କ ସହିତ ଛାତ୍ରାଭିଭାବକମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମଚାରୀ ନୃସିଂହନାଥ ଦାସ, ରୀତାଞ୍ଜଳୀ ନାଥ, ଶିବାନୀ ପ୍ରମୁଖ ଉପସ୍ଥିତ ଥିଲେ।

# କିଟ୍‌କୁ ସ୍ପୋର୍ଟଷ୍ଟାର ଏସେସ୍ ପୁରସ୍କାର ୨୦୨୫

## କ୍ରୀଡ଼ା ପ୍ରୋତ୍ସାହନ କ୍ଷେତ୍ରରେ ଦେଶର ଶ୍ରେଷ୍ଠ ଅନୁଷ୍ଠାନ




ଭୁବନେଶ୍ୱର, (ପି.ଏନ): କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ କିଟ୍ ବିଶ୍ୱବିଦ୍ୟାଳୟକୁ ସମ୍ମାନଜନକ ସ୍ପୋର୍ଟଷ୍ଟାର ଏସେସ୍ ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଇଆସୁଥିବା ଦେଶର ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବେ କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଶୁକ୍ରବାର ମୁମ୍ବାଇଠାରେ 'ସ୍ପୋର୍ଟଷ୍ଟାର' ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ଏହି ସମ୍ମାନ ଗ୍ରହଣ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟକୁ ସ୍ପୋର୍ଟଷ୍ଟାର ପକ୍ଷରୁ ୨୦୨୨ ପରେ ଦ୍ୱିତୀୟ ଥର ଏହି ପୁରସ୍କାର ପ୍ରଦାନ କରାଯାଇଥିବାରୁ ଶ୍ରୀ ସାମନ୍ତ ସ୍ପୋର୍ଟଷ୍ଟାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି କ୍ରୀଡ଼ାକୁ ପ୍ରୋତ୍ସାହନ ଦେଉଥିବା ରାଜ୍ୟ ଭାବରେ ମଧ୍ୟପ୍ରଦେଶ, କର୍ପୋରେଟ ଭାବରେ ରିଲିଆନ୍ସ ଓ ପବ୍ଲିକ ସେକ୍ଟର ୟୁନିଟ ଭାବରେ ରେଳବାଇ (ଆରଏସପିବି)କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱନାଥନ୍ ଆନନ୍ଦଙ୍କ ସମେତ ବହୁ କ୍ରୀଡ଼ାବିତ୍, କୋଚ୍ ଓ ପ୍ରାକ୍ତନ କ୍ରୀଡ଼ାବିତ୍ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୦୪ ମସିହାରୁ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ନେତୃତ୍ୱରେ କିଟ୍ ଓ କିସ୍ କ୍ରୀଡ଼ାର ବିକାଶ, କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହ ଓ ପ୍ରୋତ୍ସାହନ ଯୋଗାଇ ଦେଇ ଆସୁଛି। କିଟ୍ ଓ କିସ୍‌ରେ ଉନ୍ନତ ଓ ଅନ୍ତର୍ଜାତୀୟମାନର କ୍ରୀଡ଼ା ଭିତ୍ତିଭୂମି ଜରିଆରେ ଉଭୟ ଅନୁଷ୍ଠାନରୁ ଏପର୍ଯ୍ୟନ୍ତ ୨୩ ଜଣ ଅଲିମ୍ପିଆନ୍, ୩ଜଣ ପାରାଅଲିମ୍ପିଆନ୍, ୧୧ ଅର୍ଜୁନ ପୁରସ୍କାର ବିଜେତା ଓ ଜଣେ ଖେଳରତ୍ନ ପୁରସ୍କାର ବିଜେତା ସୃଷ୍ଟି ହୋଇପାରିଛନ୍ତି। ଏହା ସହ ଉଭୟ ଅନୁଷ୍ଠାନରୁ ୫ ହଜାରରୁ ଊର୍ଦ୍ଧ୍ୱ ଆଞ୍ଚଳିକ, ଜିଲ୍ଲାସ୍ତରୀୟ, ରାଜ୍ୟସ୍ତରୀୟ, ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ସୃଷ୍ଟି ହୋଇ ପାରିଛନ୍ତି। କିଟ୍ ଓ କିସ୍‌ର ଏହି ସଫଳତା ସ୍ପୋର୍ଟଷ୍ଟାର ବିଚାରକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏକ ଶିକ୍ଷାନୁଷ୍ଠାନ ଭାବରେ କିଟ୍ ଓ କିସ୍ ବର୍ଷ ବର୍ଷ ଧରି ଅନେକ କ୍ରୀଡ଼ା ପୁରସ୍କାର ଜିତିଆସିଛି। ୨୦୨୩ରେ କିଟ୍‌କୁ ପ୍ରଥମ ସିଆଇଆଇ ସ୍ପୋର୍ଟସ ବିଜିନେସ ପୁରସ୍କାର 'ବେଷ୍ଟ ସ୍ପୋର୍ଟସ ଫେସିଲିଟି' ପୁରସ୍କାର ମିଳିଥିଲା। ଏହା ପୂର୍ବରୁ ୨୦୨୨ରେ ଭାରତ ସରକାରଙ୍କ ଦ୍ୱାରା ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର; ଏଫସିସିଆଇ ଇଣ୍ଡିଆ କ୍ରୀଡ଼ା ପୁରସ୍କାର ୨୦୨୨; ଦି ହିନ୍ଦୁ ଦ୍ୱାରା ସ୍ପୋର୍ଟଷ୍ଟାର ଆସେସ୍ ପୁରସ୍କାର ୨୦୨୨ ଏବଂ କ୍ରୀଡ଼ା ଏବଂ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ପାଇଁ ସର୍ବୋତ୍ତମ ଅବଦାନ ପାଇଁ ୨୦୧୯ରେ କିଟ୍‌କୁ ଓଡ଼ିଶା ସରକାରଙ୍କ ଦ୍ୱାରା ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ମଧ୍ୟ ସମ୍ମାନିତ କରାଯାଇଛି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray